ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁଲାଇ, ୨୦୨୩



## ସଂକ୍ଷେପରେ

### ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ବନ ମହୋତ୍ସବ

ବଡ଼ଚଣା,୧୩।୭(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ କଲେଜ ପରିସରରେ ଶତାଧିକ ଫଳ, ଫୁଲ ଓ ଔଷଧୀୟ ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଯୋଗଦେଇ ବ୍ୟାପକ ଚାରାରୋପଣ କରିବାକୁ ଆହ୍ୱାନ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରାଉତ, ପୂର୍ବତନ ଅଧ୍ୟକ୍ଷ ବ୍ରଜକିଶୋର ସ୍ୱାଇଁ ଓ ଅଧାପକ ପ୍ରମୋଦ କୁମାର ଖଣ୍ଡାଇ ପ୍ରମୁଖ ଯୋଗଦେଇ ଚାରାରୋପଣର ଉପାଦେୟତା ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧରେ ଯୁବ ରେଡ୍‌କ୍ରସ ସଂଯୋଜକ ସତ୍ୟପ୍ରକାଶ ନାୟକଙ୍କ ସମେତ ମହାବିଦ୍ୟାଳୟର ଅଧାପକ ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଯୋଜିକା ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଆଖିଧରା ରୋଗ ବ୍ୟାପୁଛି

ସିଂହପୁର,୧୩।୭(ଅନଙ୍ଗ ଉଦୟ ବେଉରିଆ): ଆଖିଧରା ରୋଗ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ରୋଗ ହେଲେ ଆଖି ନାଲି ପଡ଼ିବା ସହିତ ଖେଞ୍ଚି ହୋଇଥାଏ ଓ ଆଖିରୁ ପାଣି ଗଡ଼ିଥାଏ। ଆଖିଧରା ବ୍ୟକ୍ତି ଅନ୍ୟର ସଂସ୍ପର୍ଶରେ ଆସିଲେ ସେ ମଧ ଏହି ରୋଗର ଶିକାର ହୋଇଥାନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସମେତ ସମଗ୍ର ବ୍ଲକରେ ଏହି ରୋଗ ଏବେ ମାଡ଼ିଚାଲିଛି। ଏହି ରୋଗ ପାଇଁ ଔଷଧ ବାହାରି ନ ଥିବା ବେଳେ ରୋଗୀ ବିଭିନ୍ନ ଡ୍ରପ ବ୍ୟବହାର କରୁଛନ୍ତି। ଏହି ରୋଗ ପ୍ରାୟତ ତିନିରୁ ଚାରିଦିନ ଧରି ରହିଥାଏ। ଛାତ୍ରୀଛାତ୍ରଙ୍କୁ ଏହି ରୋଗ ବ୍ୟାପୁଥିବାରୁ ପାଠ ପଢ଼ାରେ ସମସ୍ୟା ଦେଖାଦେଉଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଚିକିତ୍ସା ବ୍ୟବସ୍ଥା ସହିତ ମାଗଣା ଔଷଧ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଲେ ୧୯୦୬ ଛାତ୍ରୀଛାତ୍ର

ଧର୍ମଶାଳା,୧୩।୭(ବଟକୃଷ୍ଣ ପରିଡ଼ା):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ନାମ ଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଥିବାବେଳେ ଗୁରୁବାର ବିଭିନ୍ନ କଲେଜରେ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ୮ ଜୁନିୟର କଲେଜ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨୨୩ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କଳାରେ ୧୨୮୩, ବିଜ୍ଞାନରେ ୬୦୬ ଓ ବାଣିଜ୍ୟରେ ୧୭ ମୋଟ୍ ୧୯୦୬ ଜଣ ନାମ ଲେଖାଇଛନ୍ତି।

### ଧର୍ମଶାଳା ବ୍ଲକ୍‌ର ୮ ଜୁନିୟର କଲେଜରେ ଯୁକ୍ତ ୨ ନାମଲେଖା

ଧର୍ମଶାଳା ଜୁନିୟର କଲେଜରେ ଯୁକ୍ତ ୨ କଳାରେ ୨୪୪ଜଣଙ୍କୁ ନାମ ଲେଖାଇବାକୁ ସୂଚନା ଦିଆଯାଇଥିବାବେଳେ ୨୨୨ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୮୭ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୪୪ଜଣ ନାମ ଲେଖାଇଛନ୍ତି। ବାଣିଜ୍ୟରେ ୨୦ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୭ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ଜୁନିୟର କଲେଜରେ କଳାରେ ୧୨୮ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ୧୧୪ ଜଣ ନାମ ଲେଖାଇଛନ୍ତି। ଏହି ବ୍ଲକ କୋଟପୁରସ୍ଥିତ ବଜ୍ରଗିରି ଜୁନିୟର କଲେଜରେ କଳାରେ ୩୧୬ଜଣଙ୍କୁ ନାମ ଲେଖାଇବାକୁ ସୂଚନା ଦିଆଯାଇଥିବାବେଳେ ୨୭୩ଜଣ ନାମ ଲେଖାଇଛନ୍ତି। ବିଜ୍ଞାନରେ ୯୦ଜଣଙ୍କୁ ନାମ ଲେଖାଇବାର ସୂଚନା ଦିଆଯାଇଥିବାବେଳେ ୮୦ ଜଣ ନାମ ଲେଖାଇଛନ୍ତି। ଜେନାପୁର ଜୁନିୟର କଲେଜରେ କଳାରେ ୨୫୪ ଜଣଙ୍କୁ ନାମ ଲେଖାଇବାକୁ ସୂଚନା ଦିଆଯାଇଥିବା ବେଳେ ୨୩୧ ନାମ ଲେଖାଇଛନ୍ତି। ରେନେସା ଜୁନିୟର କଲେଜରେ କଳାରେ ୩୩ଜଣଙ୍କୁ ନାମ ଲେଖାଇବାକୁ ସୂଚନା ଦିଆଯାଇଥିବାବେଳେ ୨୭ ଓ ବିଜ୍ଞାନରେ ୧୬୦ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୧୪୦ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୪୯ଜଣଙ୍କୁ ନାମ ଲେଖାଇବାକୁ ସୂଚନା ଦିଆଯାଇଥିବାବେଳେ ୨୧୩ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୧୭୬ ଜଣଙ୍କ ମଧ୍ୟରୁ ୧୩୬ଜଣ ନାମ ଲେଖାଇଛନ୍ତି। ଜଗନ୍ନାଥ ଜୀଉ ଜୁନିୟର କଲେଜରେ କଳାରେ ୨୪୨ରୁ ୨୦୩ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୬୨ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୪୮ ଜଣ ନାମ ଲେଖାଇଛନ୍ତି। ଗୋକର୍ଣ୍ଣିକା ଜୁନିୟର କଲେଜରେ ବିଜ୍ଞାନରେ ୬୨ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୫୮ଜଣ ନାମ ଲେଖାଇଛନ୍ତି ବୋଲି କଲେଜ ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

# ଗାଁ ରାସ୍ତାରେ ଜମି ରହୁଛି ବର୍ଷାପାଣି


ଗାଁ ରାସ୍ତାରେ ପାଣି ଜମି ରହିଛି।

ଧର୍ମଶାଳା,୧୩।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ହଳଦିପଦା ଗ୍ରାମ ରାସ୍ତାରେ ବର୍ଷା ପାଣି ଜମି ରହୁଛି। ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ପାର୍ଶ୍ୱରେ ଘର ନିର୍ମାଣ ଫଳରେ ବର୍ଷାଜଳ ନିଷ୍କାସନ ନ ହୋଇ ରାସ୍ତା ଉପରେ ଜମିରହୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ରାସ୍ତା ପୁନଃ ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ ବ୍ୟୟ ବରାଦ କରାଯାଇଛି। ହେଲେ ଜବରଦଖଲ ଯୋଗୁ ରାସ୍ତା କାମ କରିବା ଅସମ୍ଭବ ହୋଇପଡ଼ିଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ କରାଯାଇ ରାସ୍ତା ନିର୍ମାଣ କଲେ ପାଣି ନିଷ୍କାସନ ହୋଇପାରିବ ବୋଲି ବିଭାଗୀୟ ଯନ୍ତ୍ରୀ କହୁଥିବାବେଳେ ଏଠାରେ ରହୁଥିବା ଲୋକେ ଜାଗା ଛାଡିବାକୁ ଅମଙ୍ଗ ହେଉଛନ୍ତି। ତଥାପି ଖୁବ୍‌ଶୀଘ୍ର ରାସ୍ତା କାମ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ପ୍ରଥମ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ

### ରସୁଲପୁର ବ୍ଲକରେ ମୋ ଘର ଯୋଜନା

ରସୁଲପୁର,୧୩।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକରେ ମୋ ଘର ଯୋଜନା ଶୁଭାରମ୍ଭ ହୋଇଛି। ବ୍ଲକ ଅଧୀନ ବାହଦଲାପୁର ପଞ୍ଚାୟତ ସରିଫାବାଦ ଗ୍ରାମର ବିକାଶ ଚନ୍ଦ୍ର ପଣ୍ଡା ପ୍ରଥମ ହିତାଧିକାରୀ ଭାବେ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଗୃହ ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କୁଆଖିଆ ଶାଖା ପକ୍ଷରୁ ହିତାଧିକାରୀ ପଣ୍ଡାଙ୍କ ଜମାଖାତାକୁ ପ୍ରଥମକିସ୍ତି ଭାବେ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ବିଡିଓ ଅବନିକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ହିତାଧିକାରୀଙ୍କୁ ଘର ନିର୍ମାଣ ସକାଶେ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇ ଥିବାରୁ ସେ ଖୁସି ପ୍ରକଟ କରିଛନ୍ତି। ବିଡିଓ ସାହୁଙ୍କ କାର୍ଯ୍ୟାଳୟ ପରିସରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶ ପ୍ରଦାନବେଳେ ବିଡିଓଙ୍କ ସମେତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୁଆଖିଆ ଶାଖାର ପରିଚାଳକ


ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ଜଗଜନନୀ ସାହୁ, ବାହାଦଲାପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବରେ ପ୍ରଣୟନ କରାଯାଇଥିବା ମୋ ଘର ଯୋଜନାରେ ହିତାଧିକାରୀ ଚୟନ କରାଯାଉଛି। ଜନସାଧାରଣ ମୋ ସେବାକେନ୍ଦ୍ର ଜରିଆରେ ଆବେଦନ କରୁଛନ୍ତି। ବ୍ଲକ ଅଧୀନ ୨୮ ପଞ୍ଚାୟତରେ ପଞ୍ଚାୟତୱାରୀ ୫୦ଜଣ ହିତାଧିକାରୀ ହିସାବରେ ମୋଟ୍ ୧୪୦୦ଜଣଙ୍କୁ ମୋ ଘର ଯୋଜନାରେ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏବେ ସୁଧା ବ୍ଲକ ପରିସରରେ ୮୫୦ଜଣ ମୋ ଘର ପାଇଁ ଆବେଦନ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଦଫାରେ ୧୫୫ଜଣଙ୍କ ଆବେଦନକୁ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ଋଣ ପ୍ରଦାନ ପାଇଁ ବ୍ୟାଙ୍କକୁ ପଠାଯାଇଛି। ବ୍ୟାଙ୍କ ପକ୍ଷରୁ ଆବେଦନକାରୀଙ୍କ ତଦନ୍ତ ରିପୋର୍ଟକୁ ଯାଞ୍ଚ କରାଯିବା ପରେ କ୍ଷେତ୍ର ପରିଦର୍ଶନ କରାଯାଉଛି। ଏହାପରେ ଋଣ ପ୍ରଦାନ ପାଇଁ ଅନୁମୋଦନ କରାଯାଉଛି ବୋଲି ସୂଚନା ମିଳୁଛି।

### ହତ୍ୟା ଉଦ୍ୟମ ଅଭିଯୋଗରେ ୨ ଯୁବକ ଗିରଫ

ଧର୍ମଶାଳା,୧୩।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଭଡ଼ଙ୍ଗା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଆଳିଜଙ୍ଗ ଗ୍ରାମର ପବିନ ସାମଲ(୨୭) ଓ କୋହ୍ଲା ଗ୍ରାମର ମାନସ ସାମଲ(୨୨)।

ଅଭିଯୋଗ ମୁତାବକ, ଗତ ୮ ତାରିଖ ସନ୍ଧ୍ୟାରେ ଭଡ଼ଙ୍ଗା ଗ୍ରାମର କୁନା ସାମଲଙ୍କ ସହିତ କୌଣସି କାରଣକୁ ନେଇ ସମ୍ପୃକ୍ତ ୨ ଯୁବକଙ୍କ ବଚସା ହୋଇଥିଲା। ପରେ ଯୁବକ ଦ୍ୱୟ ମିଶି କୁନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ କୁନା ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏନେଇ କୁନାଙ୍କ ପରିବାର ଲୋକେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୨୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଏସ୍‌ଆଇ ସୁରେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି।

# ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଯାଜପୁରରୋଡ୍,୧୩।୭ (ପବିତ୍ର ମହାନ୍ତି):



ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୋରଦା ଗ୍ରାମରେ ପବନପୁତ୍ର ଶ୍ରୀପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରାମର ମହାନ୍ତି ପରିବାର ପକ୍ଷରୁ ଶନିବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ମୁଖ୍ୟ କର୍ତ୍ତାଭାବେ କେଶବ ଚରଣ ମହାନ୍ତି ଓ ତାଙ୍କ ସ୍ତ୍ରୀ ସୁଲୋଚନା, ବିଶ୍ୱମ୍ଭର ଓ ସୁକାନ୍ତି, ସତ୍ୟସୁନ୍ଦର ଓ ବବିତା କର୍ତ୍ତାକର୍ତ୍ତି ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଉଦ୍ୟୋକ୍ତା ବିଦ୍ୟାଧର ମହାନ୍ତି, ଚିନ୍ମୟୀ ମହାନ୍ତିଙ୍କ ସହ ପରିବାରର ଗଦାଧର ମହାନ୍ତି, ବିଚିତ୍ରାନନ୍ଦ ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ପବିତ୍ର ରଞ୍ଜନ ମହାନ୍ତି, ମୁଖ୍ୟ ପୂଜକ ଶ୍ରୀଧର ପଣ୍ଡା, ପ୍ଲାବନ ପଣ୍ଡା, କାଳନ୍ଦୀ ଦାଶ, ଚନ୍ଦ୍ରମଣି ତ୍ରିପାଠୀ, ବଳରାମ ଦାଶ, ପ୍ରକାଶ କୁମାର ଦାଶ ଓ କେଦାରନାଥ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କଳସ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଚୋରଦା ଗ୍ରାମ ଗୌର ଭକ୍ତ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ହରିନାମ ସଂକୀର୍ତ୍ତନ କରାଯାଇ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ନଗର ଭ୍ରମଣ କରାଯାଇଥିଲା। ମହାବୀର ହନୁମାନଙ୍କ ବିଗ୍ରହକୁ ଯଜ୍ଞ ପୂର୍ଣ୍ଣାହୁତି ପରେ ମନ୍ଦିର ପ୍ରବେଶ କରାଯାଇଥିଲା। ଉତ୍ସବରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ।


କଟା ଯାଇଥିବା ବିଦ୍ୟୁତ୍ ଖୁଣ୍ଟ।

# ଦୁଇ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ କାଟିଦେଲେ ଦୁର୍ବୃତ୍ତ

ପାଣିକୋଇଲି,୧୩।୭(ବିକାଶ ମଲ୍ଲିକ):

### ସିକ୍ୟୁରିଟି ଆସିବାରୁ ନେଇ ପାରିଲେନି

ପାଣିକୋଇଲି ଥାନା ଅନ୍ତର୍ଗତ ଟିକରଠାରୁ ମସୁଦପୁର ମଧ୍ୟରେ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ (୧୩ ମିଟର ଲମ୍ବ) ପୋତାଯାଇଥିବା ବେଳେ ବୁଧବାର ରାତିରେ କେହି ଦୁର୍ବୃତ୍ତ ୨ ଖୁଣ୍ଟକୁ ଗ୍ୟାସ କଟରରେ କାଟି ନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ସିକ୍ୟୁରିଟ ଆସିବାରୁ ସେମାନେ ଛାଡ଼ିପଳାଇଛନ୍ତି। ଏକ ପିକଅପ ଭ୍ୟାନ୍‌ରେ ୬ଜଣ ଆସି ଗ୍ୟାସ କଟର ଲଗାଇ ଖୁଣ୍ଟ କାଟିଥିଲେ। ଠିକାସଂସ୍ଥା ପକ୍ଷରୁ ନିଯୁକ୍ତ ସିକ୍ୟୁରିଟ ରାସ୍ତାର ବିପରୀତ ଦିଗରୁ ଗାଡ଼ି ଦେଖି ହୁଇସିଲ ମାରିବାରୁ ଦୁର୍ବୃତ୍ତମାନେ ଗ୍ୟାସ ସିଲିଣ୍ଡର ଛାଡ଼ି ପଳାଇଥିଲେ। ଏନେଇ ଠିକାସଂସ୍ଥା ପାଣିକୋଇଲି ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ତଦନ୍ତ ବେଳେ ଗ୍ୟାସ ସିଲିଣ୍ଡରଟି ରହିଥିବାବେଳେ ଦୁଇଟି ଖୁଣ୍ଟକୁ କାଟି ୫ ପିସ ଲେଖାଏ କରାଯାଇଥିବା ଦେଖିବାକୁ ମିଳିଥିଲା। ଦୁର୍ବୃତ୍ତ ଖୁଣ୍ଟକୁ ରାସ୍ତାକୁ ଆଣିଥିଲେ ମଧ୍ୟ ନେଇ ପାରି ନାହାନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ସେବା ନେବାକୁ ନାହାନ୍ତି ବସ୍ତି ବାସିନ୍ଦା

ଯାଜପୁରରୋଡ୍,୧୩।୭ (ପବିତ୍ର ରଞ୍ଜନ ମହାନ୍ତି):

### ଅପେକ୍ଷା କରି ଫେରିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ବ୍ୟାସ ଜଗନ୍ନାଥ ଉଦ୍ୟାନ ନିକଟ ଗାନ୍ଧୀ କୁଷ୍ଠାଶ୍ରମରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଯାଜପୁର ଜିଲା ପ୍ରଶାସନ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ପ୍ରତ୍ୟକ ମାସର ୨ୟ ଏବଂ ୪ର୍ଥ ଗୁରୁବାର ବସ୍ତିବାସିନ୍ଦାଙ୍କୁ କୁଷ୍ଠ ରୋଗ ଜନିତ ଔଷଧ ଯୋଗାଇଦେବା ନିମନ୍ତେ ସ୍ୱସ୍ଥ୍ୟ ବିଭାଗ ଟିମ୍ ପହଞ୍ଚୁଥିବାବେଳେ ବାକି ସମୟରେ ଯାଜପୁର ରୋଡ ମେଡିକାଲ ଅଧିକାରୀ ଉକ୍ତ ସ୍ଥାନରେ ପହଞ୍ଚୁଥିବା ଜଣାପଡୁଛି। ହେଲେ ଏଥିରେ ବସ୍ତିବାସିନ୍ଦା ସହଯୋଗ କରୁ ନ ଥିବା ଦେଖିବାକୁ ମିଳିଛି। ଗୁରୁବାର ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ବସ୍ତି ଅଞ୍ଚଳରେ ପହଞ୍ଚିଥିଲେ ମଧ ସଂଖ୍ୟାଧିକ ବ୍ୟକ୍ତିବିଶେଷ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ସରକାରଙ୍କ ଅନେକ ସୁବିଧା ସୁଯୋଗ ଏବଂ ସ୍ୱାସ୍ଥ୍ୟ ସୁବିଧା ଏହି ବସ୍ତିବାସିନ୍ଦାମାନେ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି କି ଅଧିକାରୀଙ୍କ ଆଗମନ ପୂର୍ବରୁ ସ୍ଥାନୀୟ ଏଏନ୍‌ଏମ୍ ଏବଂ ଆଶା କର୍ମୀମାନେ ବସ୍ତିବାସିନ୍ଦାଙ୍କୁ ଅବଗତ କରାଉଥିଲେ ମଧ୍ୟ ଫଳ ଶୂନ ରହିଛି। ଫଳସ୍ୱରୂପ ଗୁରୁବାର ଅଧିକାରୀମାନେ ପହଞ୍ଚି ଚିକିତ୍ସା ସାମଗ୍ରୀ ପ୍ରଦାନ ନିମନ୍ତେ ଦୀର୍ଘ ଏକ ଘଣ୍ଟା ଧରି ଉପସ୍ଥିତ ରହିଥିଲେ। ହେଲେ ସଂଖ୍ୟାଧିକ ବାସିନ୍ଦା ଅନୁପସ୍ଥିତ ରହିବାରୁ ବାଧ୍ୟ ହୋଇ ସେମାନେ ଫେରିଆସିଥିଲେ। ଚାନ୍ଦମା ନିକଟସ୍ଥ ଏକ ସରକାରୀସ୍ଥାନରେ ଏହି ବସ୍ତିବାସିନ୍ଦାଙ୍କୁ ଥଇଥାନ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେମାନେ ବାରମ୍ବାର ଅଗ୍ରାହ୍ୟ କରିଚାଲିଥିବା ଜଣାପଡିଛି। ଗାନ୍ଧୀ କୁଷ୍ଠାଶ୍ରମ ଆସିଥିବା ପ୍ରତିନିଧି ଦଳରେ ଜିଲା କୁଷ୍ଠ ପରାମର୍ଶଦାତା ଡ. ଶୁଶାନ୍ତ କୁମାର ରାଉତ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡ. ଶିବ ପ୍ରସାଦ ସାହୁ, ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି ପ୍ରମୁଖ ସାମିଲ ରହିଥିଲେ।


ବସ୍ତିକୁ ଯାଇଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍।

# ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ 'ସାପ ଆମର ବନ୍ଧୁ' କାର୍ଯ୍ୟକ୍ରମ

କାଳିଆପାଣି,୧୩।୭(ଅସିତ ମହାନ୍ତ):

ସାପକୁ ନେଇ ଲୋକଙ୍କ ମଧରେ ଅନେକ ଭ୍ରାନ୍ତଧାରଣା ରହିଛି। ଏହାକୁ ଦୂର କରିବା ପାଇଁ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଗୁରୁବାର ଯାଜପୁର ଜିଲାସ୍ଥିତ ସୁକିନ୍ଦା କ୍ରୋମାଇଟ ଖଣିରେ 'ସାପ ଆମର ବନ୍ଧୁ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସାପ ସଂରକ୍ଷଣକୁ ନେଇ ଲୋକଙ୍କ ମଧରେ ସଚେତନତା କରାଇବା ଏବଂ ମଣିଷ ଓ ସରୀସୃପ ଯେଭଳି ଏକସଙ୍ଗେ ବସବାସ କରିପାରିବେ ତାହାର ପ୍ରସାର କରିବା। ସାପଗୁଡ଼ିକର ପରିବେଶଗତ ମହତ୍ତ୍ୱ ଓ ଏକ ସନ୍ତୁଳିତ ପରିବେଶକୁ ବଜାୟ ରଖିବାରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ସାପ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିବାବେଳେ ଜଙ୍ଗଲରେ କିମ୍ବା ବାସସ୍ଥାନ ଆଖପାଖରେ ସାପ ସହ ମୁହାଁମୁହିଁ ହେଲେ କ'ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ ସେ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା।

ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ ସ୍ନେକ୍ ହେଲ୍ପଲାଇନ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀର କର୍ମଚାରୀ, ସେମାନଙ୍କ



କାର୍ଯ୍ୟକ୍ରମରେ ଉପସ୍ଥିତ ଟାଟା ଷ୍ଟିଲ୍ ମାଇନିଂର ଅଧିକାରୀ ଓ ଅନ୍ୟମାନେ।

ପରିବାର ସଦସ୍ୟ, ସଫେଇ, ଉଦ୍ୟାନ କୃଷି ଓ ନିରାପତ୍ତା ବିଭାଗର କର୍ମଚାରୀ ଏବଂ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ ସଦସ୍ୟା, ସ୍ଥାନୀୟ ଚାଷୀ, ପଞ୍ଚାୟତିରାଜ ଅନୁଷ୍ଠାନର (ପିଆର୍‌ଆଇ) ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ସାପ ସଂକ୍ରାନ୍ତରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସ୍ନେକ ହେଲ୍ପଲାଇନର ସାଧାରଣ ସମ୍ପାଦକ ଓ ପ୍ରତିଷ୍ଠାତା ଶୁଭେନ୍ଦୁ ମଲ୍ଲିକ ଅଂଶଗ୍ରହଣକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଥିଲେ, ଜୈବବିବିଧତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାପରି ବିଷୟ ଉପରେ ଆମେ ସର୍ବଦା ଗୁରୁତ୍ୱ ଦେଇଥାଉ। 'ସାପ ଆମର ବନ୍ଧୁ' କାର୍ଯ୍ୟକ୍ରମ ଜରିଆରେ ଏହି ଶାନ୍ତ ଓ ବିରଳ ପ୍ରଜାତିକୁ ଭଲ ଭାବେ ବୁଝିବା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ସାପ ଓ ସେମାନଙ୍କ ବାସସ୍ଥାନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ଚିନ୍ତା ଏବଂ ପ୍ରଶ୍ନର ସମାଧାନ ଦିଗରେ ଏହା ଏକ ମଞ୍ଚ ଭାବେ କାର୍ଯ୍ୟ କରିଥିଲା। ଆଗାମୀ ଦିନରେ ଲୋକଙ୍କୁ ନେଇ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ମ୍ୟାନେଜର ଶମ୍ଭୁନାଥ ଝା ଓ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଜ୍ୟୋତିପ୍ରକାଶ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛାତରୁ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାଜନଗର, (ଭାସ୍କର ରାଉତରାୟ) : ବାଙ୍ଗାଲୋରରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ରାଜନଗର ବ୍ଲକ କହ୍ନୁଆ ଗ୍ରାମର ଜୟରାମ ପ୍ରଧାନଙ୍କ ବଡ଼ପୁଅ ଲିପୁ (୨୫) ବୁଧବାର ସେଠାରେ ଅଟ୍ଟାଳିକାରେ କାମ କରୁଥିବା ବେଳେ ଅସାବଧନତାବଶତଃ ତଳକୁ ଖସି ପଡ଼ିଥିଲେ। ଛାତ ତଳକୁ ଖସି ପଡିବା ପରେ ରକ୍ତ ଜୁବୁବୁବୁ ଅବସ୍ଥାରେ ସେଠାରେ କାମ କରୁଥିବା ଶ୍ରମିକମାନେ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଖବରପାଇ ସେଠାକାର ପୋଲିସ ଲିପୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲେ। ଲିପୁ ୫ବର୍ଷ ତଳେ ସୁଦୂର ବାଙ୍ଗାଲୋରକୁ କାମ କରିବାକୁ ଯାଇଥିଲେ। ଶୁକ୍ରବାର ଲିପୁଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡିଛି।

# ବାରଦିଆରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି

**ରାଜନଗର, ୧୩।୭ (ଭାସ୍କର ରାଉତରାୟ) :** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତର ବାରଦିଆ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ ନ ହୋଇ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ବାରଦିଆ ଗ୍ରାମ ଜୟ ହନୁମାନଜୀଉ ନିକଟରେ ଥିବା ପଞ୍ଚାୟତ ପୋଖରୀ ଖନନ ନାଁରେ ର'ଠ କାମ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ବିଲ୍ କରି ନିଆଯାଇଛି। ଏହି ଗ୍ରାମର ଶ୍ମଶାନ ଘରକୁ ରାସ୍ତା ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ଛିଞ୍ଚି ୩ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି। ସେହିପରି ଏହି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟ୍ରାକ୍ଟରରେ ମାତ୍ର ୧୦ ଟ୍ରିପ୍ ମାଟି ପକାଇ ୪୦ ହଜାର ଟଙ୍କା ମୋଟ ୯ ଲକ୍ଷ ୪୦ ଟଙ୍କା ଟଙ୍କା କାମ ନ କରି ଅର୍ଥ ଆତ୍ମସାତ୍ କରିଥିବା ନେଇ ବାରଦିଆ ଗାଁର ପ୍ରଫୁଲ୍ଲ କୁମାର ଭୂୟାଁ, ଅମିୟ କୁମାର ଦାସ, ଶିବରାମ ପ୍ରଧାନ, ଦେବେନ୍ଦ୍ର ସୂତାର, ଭଗବାନ ରାଉତ, ଅକ୍ଷୟ କୁମାର ଦାସ, ଫକୀର ଚରଣ ଦାସ, ବିଭୂତି ଭୂଷଣ ଦାସ, ଧନେଶ୍ୱର ରାଉତ, ସୌମିତ୍ରୀ ଭୂୟାଁ, ନବକିଶୋର ସୂତାର ପ୍ରମୁଖ ଗ୍ରାମବାସୀ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଅର୍ଥ ତୋସରପାତ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଶାସନ ସଚିବ, ୫-ଟି ସଚିବ, ଓଡ଼ିଶା ଲୋକପାଳ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ରାଜନଗରେ ବିଡିଓ ନିଶାନ ମିଶ୍ରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଳମ୍ବିତ ବର୍ଷା, କେନାଲ ଶୁଖିଲା: ଚିନ୍ତାରେ ଚାଷୀ

**ପଟ୍ଟାମୁଣ୍ଡାଇ, ୧୩।୭ (ଅକ୍ଷୟ ବିଶ୍ୱାଳ)**

ଚଳିତ ବର୍ଷ ବିଳମ୍ବିତ ବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷ କାର୍ଯ୍ୟ ପଛେଇ ଯାଇଛି। ବର୍ତ୍ତମାନ ଯେଉଁଠି ରୁଆ ବେଉଷଣ ହେବା କଥା ସେଠି ଧାନ ବୁଣାବୁଣି ଓ ତଳି ପକା କାର୍ଯ୍ୟ ଚାଲିଛି। ଏପରି କି ଅନେକ ସ୍ଥାନରେ ଜମିରେ ଲଙ୍ଗଳ ଧାର ପଡ଼ି ନ ଥିବାରୁ ସେଗୁଡ଼ିକ ପଡ଼ିଆ ପଡ଼ିଛି। କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୦,୪୦୦ ହେକ୍ଟର ଜମିରେ ଖରିଫ ଧାନ ଫସଲ ହେବା ଲକ୍ଷ୍ୟ ରଖାଯାଇଛି। ହେଲେ ବିଳମ୍ବରେ ବର୍ଷା ହେବାରୁ ଚାଷ କାମ ଆଗେଇବା ପାରୁନାହିଁ। ୨ ଦିନ ହେବ ବର୍ଷା ହେବାରୁ ଜମିରେ ହଳ କାମ, ବୁଣାବୁଣି ଓ ତଳିପକା ଆରମ୍ଭ ହୋଇଛି। ୨୦୦ ହେକ୍ଟର ଜମିରେ ଧାନ ବୁଣା ହେବାକଥା। ୭୦୦ ହେକ୍ଟର ଜମିରେ ତଳି ପଡ଼ିବାକୁ ଥିବାବେଳେ ଏବେ ୨୦୦ ହେକ୍ଟର ଜମିରେ ତଳିପକା କାର୍ଯ୍ୟ ହୋଇଛି ବୋଲି ପଟ୍ଟାମୁଣ୍ଡାଇ କୃଷି ବିଭାଗ ଅତିରିକ୍ତ କୃଷି ଅଧିକାରୀ ଶରତ ନାୟକ କହିଛନ୍ତି।

ବର୍ଷା ବିଳମ୍ବ ହେବା ଓ କେନାଲ ପାଣି ନ ଆସିବା ଯୋଗୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବରେ ହୋଇଛି। ଫଳରେ ଧାନ ଫସଲରେ


ସ୍ୱଳ୍ପ ବର୍ଷା ପରେ ଚାଷ ଜମିରେ ହଳ କରାଯାଇ ତଳି ପକାଯାଉଛି।

ଅଧିକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ଗତବର୍ଷ ଜୁନ ଶେଷ ସୁଦ୍ଧା ସ୍ୱାଭାବିକ ୧୪୯.୪ ମି.ମି. ବର୍ଷା ହୋଇଥିବାବେଳେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ୮୦ ମି.ମି. ବର୍ଷା ହୋଇଛି। ହେଲେ ଏଥର ଜୁଲାଇ ୧୨ ତାରିଖ ପରେ ବର୍ଷା ହୋଇଛି। ଏ ନେଇ ଚାଷୀ ହଳ କରି ସଙ୍ଗେ ସଙ୍ଗେ ଧାନ ବୁଣାବୁଣି ଓ ତଳି ପକା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥର ବୁଣାବୁଣି ଅପେକ୍ଷା ଧାନ ତଳି ରୁଆ ଅଧିକ କରିବାକୁ ଚାଷୀମାନେ ଆଗ୍ରହୀ ହେଉଛନ୍ତି। ଖଡିଅଣ୍ଟା ଚାଷୀ ଅଜୟ ନାୟକ କୁହନ୍ତି, ଚଳିତବର୍ଷ ବର୍ଷା ବିଳମ୍ବରେ ହେବା, ବର୍ଷା ପରିମାଣ କମ ହେବା ଓ କେନାଲ ପାଣି ନ ଆସିବାରୁ ଆମର ଚାଷ କାର୍ଯ୍ୟ ପଛେଇଯାଇଛି। ୧୧ ଏକର ଜମିରେ ଧାନ ରୁଆ ଚାଷ କରିବୁ। ଆଗକୁ ବର୍ଷା ପରିମାଣ କମିଗଲେ ଧାନ ରୁଆ କାର୍ଯ୍ୟ ବିଗିଡ଼ିଯିବ। ଏଥିସହ ଧାନରୁଆ କାର୍ଯ୍ୟ ପାଇଁ ମଜୁରିଆ ସମସ୍ୟା ଦେଖାଦେଇଛି। ସୁବର୍ଣ୍ଣପୁର ଚାଷୀ କୁଞ୍ଜବିହାରୀ ନାୟକ କୁହନ୍ତି, ବର୍ଷା ଅଭାବ ଯୋଗୁ ବୁଣାବୁଣି ଓ ଧାନ ବିହନ ତଳି ପକା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଧାନ ବିଲରେ ପାଣି ନାହିଁ। ଏଣୁ ବେଉଷଣ ଓ ରୁଆ କାର୍ଯ୍ୟ କେମିତି କରିବୁ। କେନାଲ ଅଛି ପାଣି ଆସୁନାହିଁ। ଜଳକର ନେବାରେ ଊଣା ନାହିଁ ସରକାର ଓ ପ୍ରଶାସନ ଚାଷ ପାଇଁ ପାଣି ସୁବିଧା କଲେ ଚାଷୀମାନେ ଉପକୃତ ହୋଇପାରିବୁ। ସାନଜରିଆ ଚାଷୀ ସୁରେନ୍ଦ୍ର ପରିଡ଼ା କହିଛନ୍ତି, ଚଳିତବର୍ଷ ଆମ ଅଞ୍ଚଳରେ ବର୍ଷାର ପରିମାଣ କମ୍ ହୋଇଛି। ଫଳରେ ଧାନ ବୁଣା ଏବଂ ରୁଆ କାର୍ଯ୍ୟରେ ବିଳମ୍ବ ହେଉଛି। ଆମେମାନେ ବହୁତ ଚିନ୍ତାରେ ପଡ଼ିଯାଇଛୁ। ଆଗକୁ ବର୍ଷା ନ ହେଲେ ଅଳ୍ପ ଅଳ୍ପ ବୁଣା ଯାଇଥିବା ଧାନ ଗଜା ମରୁଡ଼ି ହୋଇଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଯଦି କିଛି ସରକାରୀ ସାହାଯ୍ୟ ମିଳିପାରନ୍ତା ତା' ହେଲେ ମଧ୍ୟ କିଛି ଆଶ୍ୱସ୍ତି ମିଳିବ। ଯୁବ ଚାଷୀ ସୁଶାନ୍ତ ସାମଲ କୁହନ୍ତି, ଚଳିତବର୍ଷ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପ୍ରଥମ ସପ୍ତାହରେ ମୌସୁମୀର ଆଗମନ ଜାଣି ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ମାତ୍ର ଜୁଲାଇ ଅଧା ହେଲାଣି। ଏ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେଉନାହିଁ କି କେନାଲରେ ପାଣି ଆସୁନାହିଁ। ବର୍ତ୍ତମାନ ସୁଦ୍ଧା ଚାଷ ଜମିରେ ବିହନ ବୁଣା ହୋଇନି କି ହଳ ହୋଇପାରିନାହିଁ।

# ପରିତ୍ୟକ୍ତ ଘରକୁ ଭାଙ୍ଗି ନୂତନ ଗୃହ ନିର୍ମାଣ ହେବ


ବିଧାୟକ ଧ୍ରୁବ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ପାଇଁ ବୁଲି ସ୍ଥାନ ଚିହ୍ନଟ କରୁଛନ୍ତି।

**ରାଜନଗର, ୧୩।୭ (ଭାସ୍କର ରାଉତରାୟ)**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପରିତ୍ୟକ୍ତ ଘରକୁ ଭାଙ୍ଗି ନୂଆ ଗୃହ ନିର୍ମାଣ କରାଯିବ। ଏ ନେଇ ଗୁରୁବାର ବିଧାୟକ ଧ୍ରୁବ ସାହୁ ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚି ସ୍ଥାନ ନିରୂପଣ କରିଥିଲେ। ଏହି ବିଲ୍ଡିଂ ନିର୍ମାଣ ପାଇଁ ଟେଣ୍ଡର ସରି ଠିକାଦାର ନିଯୁକ୍ତି ସରିଛି। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଔଷଧ ଦୋକାନ ଏବଂ ପରିତ୍ୟକ୍ତ ଗୃହଗୁଡିକୁ ଭାଙ୍ଗି ସେଠାରେ ଏହି ଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଯେଉଁ ବ୍ୟବସାୟୀଙ୍କର ଦୋକାନ ଘରଗୁଡ଼ିକ ଭଙ୍ଗାଯିବ, ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ

**ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନିକଟରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବ ବୋଲି ବିଧାୟକ ସାହୁ ସୂଚନା ଦେଇଥିଲେ। ଏହାଛଡା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ, କ୍ୟାଣ୍ଟିନ ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ କିପରି ଚିକିତ୍ସା ଯୋଗାଇ ଦିଆଯାଉଛି ସେ ନେଇ ସେମାନଙ୍କୁ ପଚାରି ବୁଝିଥିଲେ। ବିଧାୟକ ସାହୁଙ୍କ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ଆଶୁତୋଷ ବାରିକ, ନୂତନ ଭାବେ ଯୋଗ ଦେଇଥିବା ବିଡିଓ ମିଶ୍ର, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଓ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।



ବାଂଲାଦେଶର ୩ ଧୀବରଙ୍କୁ ପାରାଦୀପ ମେରାଇନ ପୋଲିସ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛି।

# ୩ ବାଂଲାଦେଶୀ ଧୀବରଙ୍କୁ ହସ୍ତାନ୍ତର

**ପାରାଦୀପ, ୧୩।୭(ଶରତ ରାଉତ):** ପାରାଦୀପରେ ୮ ମାସ ହେଲା ଅଟକି ରହିଥିବା ୩ ଜଣ ବାଂଲାଦେଶୀ ଧୀବରଙ୍କୁ ଗୁରୁବାର ମେରାଇନ ପୋଲିସ ପଶ୍ଚିମବଙ୍ଗ ହରିଦାସପୁର ବାଂଲାଦେଶ ସୀମାରେ ହସ୍ତାନ୍ତର କରିଛନ୍ତି। ସେମାନେ ହେଲେ ମହମ୍ମଦ ସିରାଜ, ମହମ୍ମଦ ନାଜି, ହବିସ୍ ମହମ୍ମଦ। ଏହି ସମୟରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ବାଂଲାଦେଶ ହାଇକମିଶନର ଉପସ୍ଥିତ ଥିଲେ। ପାରାଦୀପର ଆଶ୍ରୟ କେନ୍ଦ୍ରରେ ଧୀବରମାନେ ୨୦୨୨ ଅକ୍ଟୋବର ୨୮ରୁ ରହୁଥିଲେ। ୨୦୨୨ ଅକ୍ଟୋବର ୨୬ରେ ବାତ୍ୟା ସିତରଙ୍ଗ ହୋଇଥିଲା। ଏହି ସମୟରେ ଧୀବରମାନଙ୍କ ଡଙ୍ଗା ବୁଡ଼ି ଯାଇଥିଲା। ଅକ୍ଟୋବର ୨୮ରେ ସେହି ବାଲେଶ୍ୱର ଜିଲାର ରଘୁନାଥ ନାମକ ବୋଟ୍ ସେମାନଙ୍କୁ ଉଦ୍ଧାର କରି ପାରାଦୀପରେ ମେରାଇନ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ସେମାନଙ୍କୁ ପୌର ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଇଥିଲା।

# ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ବିଦ୍ୟାଳୟରେ ବନ ମହୋତ୍ସବ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

**ତିର୍ତ୍ତୋଲ, ୧୩।୭ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଆଲଣା ସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାଶ ଓ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଶିକ୍ଷାବିତ୍ ବସନ୍ତ ମଞ୍ଜରୀ ଦାସଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରେ ଲୋକନାଥ ବିଶ୍ୱାଳ, ସ୍ୱୟଂପ୍ରଭା ଖଟୁଆ, ହିମାଂଶୁ ଶେଖର ପରିଡା, ଆନନ୍ଦ ସାଗର ପଣ୍ଡା, ଦେବାଶିଷ ସାହୁ, ଜୟଶ୍ରୀ ମହାପାତ୍ର, ସ୍ମିତିପ୍ରଜ୍ଞା ମଲ୍ଲିକ, ପ୍ରଦୀପ୍ତ କୁମାର ନନ୍ଦ ଓ ସୁଶ୍ରୀ ଶୁଭଶ୍ରୀର ଉପସଭାପତି ହେମନ୍ତ କୁମାର୍ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବନ ମହୋତ୍ସବ ପାଳନ ସମ୍ପର୍କରେ ସଚେତନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ସମୂହ ଚାରା ରୋପଣ କରିଥିଲେ। ସେମାନେ ବିଦ୍ୟାଳୟ ପରିସରରେ ବଉଳ, ଗୁଆ, ଅଁଳା, ପିଜୁଳି, ଲେମ୍ବୁ ଚାର ଲଗାଇବା ସହ ଉକ୍ତ ଚାରା ଗୁଡ଼ିକର ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ବହନ କରିବେ ବୋଲି ପ୍ରଧାନ ଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ନୂଆ ବସ୍‌ଷ୍ଟାଣ୍ଡରେ ୪୫ ଦୋକାନ ଉଚ୍ଛେଦ


ଦୋକାନ ଗୃହ ଉଚ୍ଛେଦ ସ୍ଥଳରେ ପ୍ରଶାସନିକ ଅଧିକାରୀମାନେ।



ଜେସିବି ଦ୍ୱାରା ଦୋକାନ ଘର ଭଙ୍ଗା ଯାଉଥିବା ବେଳେ ଦୋକାନୀମାନେ ଜିନିଷ ବୋହି ନେଉଛନ୍ତି।

**କେନ୍ଦ୍ରାପଡ଼ା, ୧୩।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ନୂଆ ବସ୍‌ଷ୍ଟାଣ୍ଡ ପରିସରରୁ ୪୫ ଦୋକାନକୁ ଗୁରୁବାର ଉଚ୍ଛେଦ କରାଯାଇଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲାପାଳ ଅମୃତ ଋତୁରାଜ, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଅଞ୍ଜଳୀ ତରାଇ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ ହୋଇଛି। ଏ ସମ୍ପର୍କରେ ବ୍ୟବସାୟୀ ଶରତ ଚନ୍ଦ୍ର ପ୍ରଧାନ କହିଛନ୍ତି, ନୂଆ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ଏହି ବ୍ୟବସାୟ ଅନୁଷ୍ଠାନଗୁଡ଼ିକ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ପୂର୍ବରୁ ଆସବାବପତ୍ର ଓ ବ୍ୟବସାୟ ସାମଗ୍ରୀ ସଂରକ୍ଷଣ ପାଇଁ ପ୍ରଶାସନିକ ଅଧିକାରୀ ସମୟ ଦେଇନାହାନ୍ତି। ଗତ ୧୧ ତାରିଖରେ ତହସିଲଦାର ତରାଇ ପୂର୍ବାହ୍ନରେ ସର୍ବେକ୍ଷଣ କରିଥିବା ବେଳେ ସନ୍ଧ୍ୟାରେ ଉଚ୍ଛେଦ ସମ୍ପର୍କରେ ନୋଟିସ ଆସିଥିଲା। ଏହି ନୋଟିସ ମଧ୍ୟରେ ୧୨ ତାରିଖ ରାତି ୧୨ଟା ମଧ୍ୟରେ ବ୍ୟବସାୟୀମାନେ ଦୋକାନରୁ ସାମଗ୍ରୀ ଉଠାଇନେବାକୁ କୁହାଯାଇଥିଲା। ଏତେ କମ୍ ସମୟ ମଧ୍ୟରେ ସାମଗ୍ରୀ ପରିବହନ ଓ ଘର ଆସବାବପତ୍ର ସ୍ଥାନାନ୍ତର ପାଇଁ ଆବଶ୍ୟକ ଶ୍ରମିକ ଓ ଟ୍ରଲି ଆଦି ମିଳିଲା ନାହିଁ। ଗୁରୁବାର ପୂର୍ବାହ୍ନରେ ପ୍ରଶାସନିକ ଅଧିକାରୀ ଆସି ଜେସିବି ଲଗାଇ ଘରଗୁଡ଼ିକ ଭାଙ୍ଗି ଦେଇଛନ୍ତି। ଫଳରେ ପ୍ରତ୍ୟେକ ବ୍ୟବସାୟୀଙ୍କ ବହୁ କ୍ଷତି ହୋଇଛି। ତହସିଲଦାର ତରାଇ କହିଛନ୍ତି, ଏହି ବ୍ୟବସାୟିକ ଅନୁଷ୍ଠାନ ପାଇଁ ପୂର୍ବରୁ ବହୁଥର ନୋଟିସ ହୋଇଛି। ଏହାସତ୍ତ୍ୱେ ଘରଗୁଡ଼ିକ ବ୍ୟବସାୟୀ ନିଜେ ଭାଙ୍ଗି ନ ଥିଲେ। ଚିହ୍ନଟ ହୋଇଥିବା ବ୍ୟବସାୟୀଙ୍କୁ ଏ ବାବଦ କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ସେ ମତ ଦେଇଛନ୍ତି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱାଳ କହିଛନ୍ତି, ନୂଆ ବସ୍‌ଷ୍ଟାଣ୍ଡର ଉନ୍ନତି ପାଇଁ ୬ କୋଟି ଟଙ୍କାର ଅନୁଦାନ ଆସିଛି। ଏହାର ଟେଣ୍ଡର ହୋଇଥିବା ବେଳେ କାର୍ଯ୍ୟ ଆରମ୍ଭ ପାଇଁ ଏହି ଗୃହର ଉଚ୍ଛେଦ ଆବଶ୍ୟକ ଥିଲା।

# ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚଙ୍କ ଧାରଣା

**ନାଉଗାଁ, ୧୩।୭(ସୁଧା ବେହୁରା):** ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲେ ମଧ୍ୟ ବିଲ୍ କରାଯାଉନାହିଁ ବୋଲି ସରପଞ୍ଚ ନୀହାର ରଞ୍ଜନ ବସ୍ତିଆ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ସେ ଗୁରୁବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜାଣିଶୁଣି ବିଡିଓ ହଇରାଣ କରୁଛନ୍ତି ବୋଲି ବସ୍ତିଆ ଗଣମାଧ୍ୟମ ଆଗରେ କହିଛନ୍ତି। ଉନ୍ନୟମୂଳକ କାର୍ଯ୍ୟରେ କୌଣସି ଅନିୟମିତତା ହୋଇଥିଲେ ବିଡିଓ ତଦନ୍ତ କରି ସ୍ପଷ୍ଟ କରନ୍ତୁ। ନ ହେଲେ ବିଲ୍ ତୁରନ୍ତ କରନ୍ତୁ ବୋଲି ବସ୍ତିଆ ଦାବି କରିଛନ୍ତି। ଏହି ସମୟରେ ବିଡିଓ ରଶ୍ମିରେଖା ମଲ୍ଲିକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାବେଳେ ବସ୍ତିଆ ୪ ଘଣ୍ଟା ଧାରଣାରେ ବସି ରହିଥିଲେ। ପରେ ଉକ୍ତ ପଞ୍ଚାୟତର ସୁରେନ୍ଦ୍ର ମହାନ୍ତି, କାଳନ୍ଦୀ ପରିଡ଼ା, ସୁଧୀର ବିଶ୍ୱାଳ ଓ ସନ୍ତୋଷ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ୩ ଦିନ ମଧ୍ୟରେ ବିଲ୍ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ


ସରପଞ୍ଚ ନୀହାର ରଞ୍ଜନ ବସ୍ତିଆ

**ଉନ୍ନୟନମୂଳକ କାର୍ଯ୍ୟର ବିଲ ହେଉ ନ ଥିବା ଅଭିଯୋଗ**

ଆମରଣ ଅନଶନ କରିବେ ବୋଲି ବସ୍ତିଆ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମଲ୍ଲିକଙ୍କୁ ପଚାରିବାରେ, ଧାରଣା ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ତେବେ ସରପଞ୍ଚଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# କଣ୍ଟ୍ରାକ୍ଟର ଟେଣ୍ଡର ନେବା ପରେ କ୍ୟାବିନେଟ୍ ମଞ୍ଜୁରୀ

**ଆଳି, ୧୩।୭(ବନମାଳୀ ସେନାପତି)**

ଆଳି ବ୍ଲକର ନୂଆବଜାର-ବଳିତର ଘାଟ ନିକଟରେ ଖରସ୍ରୋତା ନଦୀ ଉପରେ ସେତୁ ନିର୍ମାଣ ପାଇଁ କ୍ୟାବିନେଟ୍ ମଞ୍ଜୁରୀକୁ ନେଇ କଂଗ୍ରେସ ଭିନ୍ନମତ ପ୍ରକାଶ କରିଛି। ବୁଧବାର ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ନିଆଳ ହାଟସ୍ଥିତ ବାସଭବନରେ ଖବରଦାତା ସମ୍ମିଳନୀରେ କହିଛନ୍ତି, ଶାସକ ଦଳ ନୂଆ ବଜାର-ବଳିତର ଘାଟର ଖରସ୍ରୋତା ସେତୁକୁ ନେଇ ରାଜନୈତିକ ଫାଇଦା ଉଠେଇବାକୁ ଚେଷ୍ଟା କରୁଛି। ଏହି ସେତୁ ନିର୍ମାଣ ପାଇଁ ୨୦୧୬ରେ ସେ ବିଧାୟକ ଥିବା ବେଳେ ଟେଣ୍ଡର ହୋଇଥିଲା। କିନ୍ତୁ ନ୍ୟାଶନାଲ ୱାଟର ଓଏର ବାଧକ ଯୋଗୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବନ୍ଦ କରାଯାଇଥିଲା। ସେତେବେଳେ ଏହାର ପ୍ରାଥମିକ ନିର୍ମାଣ ଅଟକଳ ଥିଲା ୬୦ କୋଟିରୁ ଅଧିକ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବୃଦ୍ଧି ପାଇ ୧୦୮ କୋଟି ୨୩ ଲକ୍ଷ ହୋଇଥିଲା। ଏବେ ସେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଖବରରୁ ଜାଣିବାକୁ ପାଇଲେ ଯେ, ଏହି ସେତୁ ୨ ଦିନ ତଳେ କ୍ୟାବିନେଟ୍ ବୈଠକରେ ଅନୁମୋଦନ


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

**ନୂଆବଜାର-ବଳିତର ଘାଟ ସେତୁ ନିର୍ମାଣକୁ ନେଇ କଂଗ୍ରେସର ଭିନ୍ନ ମତ**

ହୋଇଛି। ସେମାନଙ୍କୁ ସେ ପ୍ରଶ୍ନ କରିଛନ୍ତି, କ୍ୟାବିନେଟ୍ ବୈଠକରେ ଅନୁମୋଦନ ଲାଭ ନ ପାଇ ସେତେବେଳେ ସେତୁର ଟେଣ୍ଡର କିପରି କରାଯାଇଥିଲା। ସେ ଆହୁରି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ଯେ, ଏବେ ଏହି ସେତୁକୁ ୩ ମାସ ତଳେ ମେ ମାସରେ ଏକ ଠିକା ସଂସ୍ଥାକୁ ୯୭ କୋଟି ୨୪ ଲକ୍ଷ ୫୦ ହଜାର ଏକ ଟଙ୍କାରେ ଟେଣ୍ଡର ଦିଆଯାଇଛି। ତେବେ ପ୍ରଶ୍ନ ଉଠୁଛି ଆଗେ କ୍ୟାବିନେଟ୍ ଅନୁମୋଦନ ନା ଆଗେ ଟେଣ୍ଡର। ଏହା ଲୋକମାନଙ୍କୁ ଭୂଆଁ ବୁଲାଇବାକୁ ଶାସକ ଦଳର ଏକ ଚାଲ। ବର୍ତ୍ତମାନ ନିର୍ବାଚନ ସମୟ ପାଖେଇ ଆସୁଥିବା ଦୃଷ୍ଟିରୁ ପୂର୍ବରୁ କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ପ୍ରକଳ୍ପକୁ ପୁନଃ ମଞ୍ଜୁରୀ କରାଇ ଭୋଟରମାନଙ୍କୁ ପ୍ରଭାବିତ କରାଯାଉଛି। ସେ କହିଛନ୍ତି, ବହୁ ଚର୍ଚ୍ଚିତ ଏକମାଣିଆ ପୋଲର ଟେଣ୍ଡର ସରିଛି, ଏହାକୁ ଜଣେ ଦକ୍ଷିଣ ଭାରତୀୟ କଣ୍ଟ୍ରାକ୍ଟରକୁ ୨୪ ଶତକଡା ଅଧିକରେ ଦିଆଯାଇଛି। ସେହିପରି ପୂର୍ବରୁ କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା କାଣୀ ନଦୀର ପର୍ଦ୍ଦିନିପାଳ ସେତୁ, ଶ୍ରୀରାମପୁର ସେତୁ, ରାଜକନିକାର ମାନପୁର ନିକଟରେ ଆଖଣ୍ଡଳମଣି ପୀଠକୁ ସଂଯୋଗୀକରଣ ସେତୁର ଭବିଷ୍ୟତ କ'ଣ ହେବ କେହି କହିପାରିବେ ନାହିଁ। ତେଣୁ ସାଧାରଣ ଲୋକମାନେ ଏହାର ବିଚାର କରିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ ମଧ୍ୟ ଉପସ୍ଥିତ ଥିଲେ।

# ବଦଳି ନ ହେଲେ ଆତ୍ମାହୁତି: ପ୍ରଧାନ ଶିକ୍ଷକ

**ଡେରାବିଶ, ୧୩।୭ (ବେବର୍ତ୍ତା ଅଜୟ ଦାସ)**

ଜଣେ ପ୍ରଧାନ ଶିକ୍ଷକ ଅନ୍ୟତ୍ର ବଦଳି ପାଇଁ ଉଚ୍ଚ ଅଧିକାରୀଙ୍କ ନିକଟରେ ବାରମ୍ବାର ଆବେଦନ କରି ବିଫଳ ହୋଇଛନ୍ତି। ପ୍ରତିବାଦରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଡେରାବିଶ ବ୍ଲକ ଅଧୀନ ବାରିମୂଳସ୍ଥିତ ରାଧାମୋହନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଥ ଆଣିଛନ୍ତି। ସେ ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କୁ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ୨୦୨୦ ଅକ୍ଟୋବର ୨୧ରୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୨ ସହକାରୀ ଶିକ୍ଷୟିତ୍ରୀ ବିଦ୍ୟାଳୟର କାମରେ ତାଙ୍କୁ ସହଯୋଗ କରୁ ନ ଥିବାରୁ ସେ ବିଆର୍‌ସିସି ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରି ଆସୁଥିଲେ। ଅଭିଯୋଗରେ ୨୦୨୩ ଶିକ୍ଷାବର୍ଷ ଆରମ୍ଭରେ ବିଦ୍ୟାଳୟରେ ପିଲାଙ୍କୁ ପାଠପଢ଼ା ସହ ଅନ୍ୟ କାର୍ଯ୍ୟ ପାଇଁ


ଖଗେଶ୍ୱର ନାଥ

ବୈଠକ ଡକାଯାଇ ସମ୍ପୃକ୍ତ ୨ ସହକାରୀ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ହେଲେ ସେମାନେ କାର୍ଯ୍ୟ କରି ନ ଥିଲେ। ଅପରପକ୍ଷରେ ତାଙ୍କ ବିରୋଧରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ୨ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ୨ ସିଆର୍‌ସିସିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇ ଶିକ୍ଷୟିତ୍ରୀ ଦ୍ୱୟଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ ବୋଲି ପ୍ରମାଣିତ ହୋଇଥିଲା। ପରେ ଶିକ୍ଷୟିତ୍ରୀ ଦ୍ୱୟ ତାଙ୍କ ନାମକୁ ଯୋଡ଼ି ବିଭିନ୍ନ ପ୍ରକାର ଖରାପ ମନ୍ତବ୍ୟ

**ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କୁ କଲେ ଅଭିଯୋଗ**

ବିଦ୍ୟାଳୟର କାନ୍ଥ ଓ ପାଚେରି ଇତ୍ୟାଦିରେ ଖଳ ପ୍ରକୃତିର ଲୋକଙ୍କ ସହାୟତାରେ ଲେଖିଥିଲେ। ପରେ ସେହି ବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ୨୦୨୨ ମସିହାରୁ ବାରମ୍ବାର ଆବେଦନ କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ସେ ଉଚ୍ଚ ରକ୍ତଚାପ, ମଧୁମେହ ଓ କର୍କଟ ଜନିତ ରୋଗରେ ପୀଡ଼ିତ ହୋଇ ବିଦ୍ୟାଳୟରେ ବିଭିନ୍ନ ମାନସିକ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗରେ ନାଥ ଦର୍ଶାଇଛନ୍ତି। ଦୀର୍ଘ ୯ ମାସ ଧରି ତାଙ୍କୁ ଚାହୁଁଥିବା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ କାକୁତି ମିନତି କରୁଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷରେ ଆସନ୍ତା ୧୫ ସୁଦ୍ଧା ତାଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରା ନ ଗଲେ ଆସନ୍ତା ୧୭ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ। ସେ ସମୟରେ ଯଦି କୌଣସି ସାମାଜିକ ଓ ବ୍ୟକ୍ତିଗତ ଦୁର୍ଘଟଣା ଘଟିବ ସେଥିପାଇଁ ବ୍ୟକ୍ତିଗତ ଭାବେ ବ୍ଲକ ଶିକ୍ଷାଧିକାରୀ ଦାୟୀ ରହିବେ ବୋଲି ଖଗେଶ୍ୱର ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କୁ ପଚାରିବାରେ ଖଗେଶ୍ୱରଙ୍କ ପାଖରୁ ଆସିଥିବା ଅଭିଯୋଗକୁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ତାଙ୍କର ବଦଳିର କ୍ଷମତା ନ ଥିବାରୁ ଏହି ଘଟଣା ଉପରେ ସେ କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପଚାରିବାରେ ଏହି ଘଟଣାର ସତ୍ୟାସତ୍ୟ ଉପରେ ଖୁବ୍‌ଶୀଘ୍ର ତଦନ୍ତ କରାଯିବ। ତଦନ୍ତ ପରେ ସେ ଯାହାକିଛି ପଦକ୍ଷେପ ନେବେ ବୋଲି କହିଛନ୍ତି। ତେବେ ଖଗେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ କରିଥିବା ଅଭିଯୋଗର ନକଲ ୫-ଟି ସଚିବ, ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲାପାଳ, ପାଟକୁରା ବିଧାୟିକା, ଜିଲା ପରିଷଦ ସଭାପତିଙ୍କ ନିକଟକୁ ପଠାଇଛନ୍ତି।

## କବାଡ଼ିଆ, ଅସାମାଜିକ ବ୍ୟକ୍ତିଙ୍କ ନଜରରେ ସ୍ଲୁଇସ୍ ଗେଟ୍

### ନିର୍ଜନତାର ସୁଯୋଗ ନେଇ ଲୁହା ଫାଟକକୁ କାଟି ନେଉଛନ୍ତି

ଖଣ୍ଡପଡ଼ା, ୧୩।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳ ମାଳବନ୍ଧରେ ଲାଗିଥିବା ସ୍ଲୁଇସ୍ ଗେଟ୍‌କୁ ରାତି ତଥା ନିର୍ଜନତାର ସୁଯୋଗ ନେଇ ଏକାଧିକ ଅସାମାଜିକ ବ୍ୟକ୍ତି, କବାଡ଼ିଆମାନେ ବିଭିନ୍ନ ସ୍ଥାନରୁ କାଟି ନେଉଛନ୍ତି । ଏହାଦ୍ୱାରା ଜନ ସାଧାରଣଙ୍କ ସମୂହ ସ୍ୱାର୍ଥ କିପରି ପ୍ରଭାବିତ ହେଉଛି ସେଥିପ୍ରତି ସେମାନଙ୍କ ନଜର ରହୁନି । ଏପରି ଘଟଣା ବାରମ୍ବାର ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଜଳ ସେଚନ ବିଭାଗର ମାଳବନ୍ଧରେ ବୋଲି ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, କଣ୍ଟିଲୋ ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି ୫.୫ କି.ମି କୁମୁଣ୍ଡି- ସିଧାମୂଳା ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ । ଏହି ଦୀର୍ଘ ମାଳବନ୍ଧର ଦକ୍ଷିଣ ଗ୍ରାମ ପାର୍ଶ୍ୱରେ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ରହିଛି । ବର୍ଷା ଦିନେ ଜମି ପତନଠାରୁ ଉଚ୍ଚରେ ଥିବା କୁମୁଣ୍ଡି ଗ୍ରାମର ପ୍ରବାହିତ ବର୍ଷା ଜଳ ସହିତ ଜମିରେ ଜମି ରହୁଥିବା ପାଣି ଆବଶ୍ୟକ ତୁଳନାରେ



ଅଧିକ ରହିବା ଫଳରେ ଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥାଏ । ଜମିରେ ଆବଶ୍ୟକଠାରୁ ଅଧିକ ପାଣି ଜମି ରହୁଥିବାରୁ ଏହି ସବୁ ପାଣିକୁ ନିମ୍ନ ଭାଗରେ ପ୍ରବାହିତ ମହାନଦୀକୁ ନିଷ୍କାସନ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ କୁମୁଣ୍ଡି-ସିଧାମୂଳା ମାଳବନ୍ଧର ବିଭିନ୍ନ ସ୍ଥାନରେ ୩ଟି ସ୍ଲୁଇସ ଗେଟ ନିର୍ମାଣ କରାଯାଇଛି । ଏହି ସ୍ଲୁଇସ ଗେଟ ମାଧ୍ୟମରେ ଜମିରୁ ଉଦ୍‌ବୃତ୍ତ ଜଳ ନଦୀକୁ ନିଷ୍କାସନ ହୋଇଥାଏ । ଅପରପକ୍ଷେ ସ୍ଥାନୀୟ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ସମୟରେ ଚାଷ ଜମିରେ ପାଣିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଓ ବନ୍ୟା ସମୟରେ ବନ୍ୟାଜଳ ସେହି ସ୍ଲୁଇସ ଗେଟ ମାଧ୍ୟମରେ ଜମିଙ୍କୁ ଜଳ ସେଚନ ଉଦ୍ଦେଶ୍ୟରେ ଛଡା ଯାଇଥାଏ । ବିଶେଷ କରି ମହାନଦୀର ପ୍ରବଳ ବନ୍ୟା ସମୟରେ ତଳ ମୁଣ୍ଡରେ ରହିଥିବା ବିଭିନ୍ନ ମାଳବନ୍ଧରେ ବିପଦର ଆଶଙ୍କା ସହିତ ଘାଇ ହେବାର ସମ୍ଭାବନା ରହିଥିବାରୁ ବିଭିନ୍ନ ଅଞ୍ଚଳର ମାଳବନ୍ଧରେ ସ୍ଲୁଇସ ଗେଟକୁ ଖୋଲି ଜମିରେ ଛାଡିବା ଦ୍ୱାରା ନଦୀର ଜଳ ପତନ କେତେକାଂଶରେ ହ୍ରାସ ପାଇବାରେ ସହାୟକ ହୋଇଥାଏ । ସାଧାରଣତଃ ଅନେକ ସ୍ଥାନରେ ମାଳବନ୍ଧଗୁଡିକ ଗ୍ରାମଠାରୁ ଦୂରରେ ତଥା ନିର୍ଜନ ସ୍ଥାନରେ ରହିଥିବା ସୁଯୋଗ ନେଇ ଲୁଟେରାମାନେ ଲୌହ ନିର୍ମିତ ସ୍ଲୁଇସ ଗେଟର ଚାବି ଏବଂ କବାଟକୁ କାଟି ନେଉଥିବା ଅଭିଯୋଗ ହୋଇ ଆସୁଛି । ଏ ପରିପ୍ରେକ୍ଷୀରେ କୁମୁଣ୍ଡି-ସିଧାମୂଳା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧରେ ଥିବା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏକ ସ୍ଲୁଇସ ଗେଟର ଚାବିକୁ କେହି ଦୁର୍ବୃତ୍ତ କାଟି ନେଇଥିବା ଜଣାଯାଇଛି । ତେବେ ସମ୍ପ୍ରତି ବର୍ଷାଋତୁ ଓ ମହାନଦୀରେ ବନ୍ୟା ଆଶଙ୍କା ଥିବାରୁ ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ଗତ ୨ ଦିନ ତଳେ ନୂତନ ଚାବିର ବ୍ୟବସ୍ଥା କରାଯାଇଥିବା କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାମ ମୋହନ ବେହେରା ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଉକ୍ତ ମାଳବନ୍ଧରୁ ଏକାଧିକବାର ଏପରି ଚୋରୀ ହୋଇଥିବା ବେଳେ ଧାନଚେଙ୍ଗଡା ମାଳବନ୍ଧରେ ଥିବା ଅନ୍ୟ ଏକ ସ୍ଲୁଇସି ଗେଟର ଚାବିକୁ ମଧ୍ୟ ବିଗତ ଦିନରେ ଦୁର୍ବୃତ୍ତମାନେ କାଟି ନେଇଥିବା ଅଭିଯୋଗ ହୋଇଛି ।

## ବିଡିଓଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ଦାରିଙ୍ଗବାଡ଼ି, ୧୩।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଅଞ୍ଚଳକୁ ଗୁରୁବାର ସ୍ଥାନୀୟ ବିଡିଓ ଗଦାଧର ପାତ୍ର ଗସ୍ତକରି ଦଡିବାଡ଼ି ଗାଁ ସମେତ କୁଡ଼ିମୁଞ୍ଜା, ଲାରିବାଡ଼ି, ସିମନବାଡ଼ି ଆଦି ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ସିମନବାଡ଼ି ପୋଖରୀ ପୁନରୁଦ୍ଧାର, ଜଗନ୍ନାଥ ମନ୍ଦିର କାର୍ଯ୍ୟ ସମେତ ଲାରିବାଡ଼ି ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ପାଠ ସମ୍ପର୍କରେ ପଚାରି ବୁଝିବା ସହ ବିଦ୍ୟାଳୟ ପାଚେରି ନିର୍ମାଣ କାର୍ଯ୍ୟକୁ ଦେଖି ଶୀଘ୍ର ସାରିବାକୁ ଗ୍ରାମ ରୋଜଗାର ସେବକ କେଦାରନାଥ ସାହୁଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛତୁଆ ସହ ଶିଶୁଙ୍କ ଖାଦ୍ୟ ଯାଞ୍ଚ କରିବା ସହିତ ସେଠାକାର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଉକ୍ତ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟରେ ଏକାଧିକ ପ୍ରକଳ୍ପରେ ଅର୍ଥ ତୋସରପାତ କରାଯାଉଥିବା ଅଭିଯୋଗ ହୋଇଥିଲା । ସେହି ଯୋଜନାରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ଜିଆର୍‌ଏସ୍ କେଦାର ସାହୁଙ୍କ ସହ ସେ ଆଲୋଚନା କରିଥିଲେ ।

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଇତିହାସ ବିଭାଗର ଷଷ୍ଠ ସ୍ଥାନରେ ଅମ୍ବିକା

ଜଗନ୍ନାଥପ୍ରସାଦ, ୧୩।୭(ବିଭୁ ପ୍ରସାଦ ପଟ୍ଟନାୟକ)-ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ



ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଡ଼ିଗ୍ରୀ କଲେଜର ଇତିହାସ ବିଭାଗର ଛାତ୍ରୀ ଅମ୍ବିକା ପ୍ରଧାନ ଚଳିତ ବର୍ଷ ପ୍ରକାଶିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଇତିହାସ ବିଭାଗର ଶ୍ରେଷ୍ଠ ଦଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ସନାତନ ସାହୁ ତଥା କଲେଜ ପରିଚାଳନା କମିଟିର ସଭାପତି ବେଣୁଧର ସାବତ ଅମ୍ବିକାଙ୍କୁ ପ୍ରଶଂସା କରିଛନ୍ତି । ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ଡଃ ପ୍ରମୋଦ କୁମାର ଚୌଧୁରୀ, ଅଧାପକ ବିଭୂତି ଭୂଷଣ ପ୍ରଧାନ ଓ ଅଧାପିକା ସୁନିତା ବିଷୋୟୀ ଏବଂ କଲେଜର ଅନ୍ୟ ସମସ୍ତ ଅଧାପକମାନେ ଅମ୍ବିକାଙ୍କୁ ପ୍ରଶଂସା କରିଛନ୍ତି । ଏହି ସଫଳତାରେ ଶ୍ରେୟ ଅଧକ୍ଷ ସନାତନ ସାହୁ, ବିଭାଗୀୟ ମୁଖ୍ୟ ଡଃ ପ୍ରମୋଦ କୁମାର ଚୌଧୁରୀ ଓ ସମସ୍ତ ଅଧାପିକା ଓ ଅଧାପକ ଏବଂ ନିଜର ପିତାମାତାଙ୍କୁ ପ୍ରଦାନ କରିଛନ୍ତି ।

### ସାମାଜିକ କର୍ମୀଙ୍କ ପରଲୋକ

ରାଇକିଆ, ୧୩।୭(ପ୍ରଦୀପ ବେହେରା)- ରାଇକିଆ ଅଞ୍ଚଳର ବର୍ଷୀୟାନ ସାମାଜିକ କର୍ମୀ ଭୀମସେନ ଦିଗାଲ(୮୬)ଙ୍କ ବୁଧବାର ରାତିରେ ନିଜ ଗ୍ରାମ ଗୁଡ୍ଡୁଗୁଡା ସ୍ଥିତ ବାସଭବନରେ ପରଲୋକ ହୋଇଛି । ସେ ଜଣେ ସାମାଜିକ କର୍ମୀ, ମିଷ୍ଟଭାଷୀ, ମେଳାପୀ, ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ସ୍ଥାନୀୟ ଅଞ୍ଚଳ ରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ରେ ସେ ଜଡ଼ିତ ଥିଲେ । ୧୯୩୭ରେ ଜନ୍ମିତ ଭୀମସେନ ୧୫ ବର୍ଷ ଧରି ମାସେଡିକିଆ ୱାର୍ଡର ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ । ସେ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବାବେଳେ ଗତକାଲି ତାଙ୍କର ପରଲୋକ ଘଟିଥିଲା ।

### ଘରୋଇ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

ପାରଳାଖେମୁଣ୍ଡି, ୧୩।୭ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ଠାରେ ଥିବା ବିଭିନ୍ନ ଘରୋଇ ଚିକିତ୍ସାଳୟକୁ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପରିଦର୍ଶନ କରିଛନ୍ତି । ଏହି ସମୟରେ ମୁଖ୍ୟ କରି ବିଏସକେୱାଇ କାର୍ଡର ଉପଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଏହାସହ ଚିକିତ୍ସା ସମ୍ପର୍କିତ ତଥ୍ୟ ମଧ୍ୟ ପଚାରି ବୁଝିଥିଲେ । ସହରର ରବି କ୍ଲିନିକ ଓ ଏନ୍‌ଭି ରାମାରାଓ କ୍ଲିନିକକୁ ଯାଇ ଡାକ୍ତର ରବି କୁମାର ଏବଂ ଏନ.ଭି.ରାମାରାଓଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

### ଇଲେକ୍ଟ୍ରିକାଲ ଦୋକାନରୁ ଚୋରି

ଧରାକୋଟ, ୧୩।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ନିକଟସ୍ଥ ବଡଗଡ ଥାନା ଅର୍ନ୍ତଗତ ଚାରିଛକସ୍ଥିତ ରୁଗୁମୁ ପଞ୍ଚାୟତ ଗ୍ରାମୀଣ ବଜାରରେ ରହିଥିବା ପାତ୍ର ଇଲେକ୍ଟ୍ରିକାଲ ଦୋକାନରୁ ବୁଧବାର ମଧରାତ୍ରରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଦୋକାନ ମାଲିକ ସନ୍ତୋଷ ପାତ୍ର ଏ ନେଇ ଅଭିଯୋଗ କରିଛନ୍ତି । ମଧ ରାତ୍ରରେ କେହି ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ନଗଦ ୪୦ହଜାର ଟଙ୍କା, ଇନ୍‌ଭଟର, ଫ୍ୟାନ, ତାର, ଗ୍ରାଇଣ୍ଡର, ଗିଜର, ପ୍ରେସର କୁକର ଆଦି ପ୍ରାୟ ୪ ଲକ୍ଷ ଟଙ୍କା ର ସାମଗ୍ରୀ ଚୋରି କରି ନେଇଯାଇଛି । ବଡଗଡ ଥାନା ଅଧିକାରୀ ସୁରଜ ଝଙ୍କାର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ହିତାଧିକାରୀଙ୍କ ଅଗୋଚରରେ ଆବାସ ଯୋଜନା ହଡ଼ପ ଅଭିଯୋଗ

ଭାପୁର, ୧୩।୭(ଭରତ କୁମାର ହେରା)

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଭାପୁର ବ୍ଲକ୍ ନିମାଣୀ ପଞ୍ଚାୟତରୁ ଆସିଛି ଏକ ସଙ୍ଗୀନ ଅଭିଯୋଗ । ଜଣେ ହିତାଧିକାରୀଙ୍କ ଅଗୋଚରରେ ଆବାସ ଯୋଜନା ହଡପ କରାଯାଇଥିବା ନେଇ ହିତାଧିକାରୀ ଅଭିଯୋଗ କରିଛନ୍ତି ।

ନିମାଣୀ ପଞ୍ଚାୟତ ବାଦଭୂଇଁ ଗ୍ରାମର ହରଷ ନାଏକଙ୍କ ସ୍ତ୍ରୀ କୁନିଙ୍କ ଅଭିଯୋଗ ଅନୁଯାୟୀ, ୨୦୧୪-୧୫ ଆର୍ଥିକ ବର୍ଷରେ ନିମାଣୀ ଗ୍ରାମପଞ୍ଚାୟତ ମାଧ୍ୟମରେ ଭାପୁର ପଞ୍ଚାୟତ ସମିତିରୁ ତାଙ୍କୁ ଇନ୍ଦିରା ଆବାସ କାର୍ଯ୍ୟାଦେଶ ମିଳିଥିଲା । କିନ୍ତୁ ଗୃହ ନିର୍ମାଣ ନ କରି ଏହାକୁ ହଡପ କରିନେଇଛନ୍ତି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ସ୍ୱାଇଁ । କୁନିଙ୍କ କହିବା ଅନୁଯାୟୀ ଏବେ ଆବାସ ଯୋଜନାରେ ତାଙ୍କର ନାଁ ସାମିଲ ହୋଇଥିଲା । ପ୍ରଥମ କିସ୍ତିରେ ଟଙ୍କା ଆସିଲା ପରେ ଘର କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ପୂର୍ବରୁ ଘର ପାଇଥିବାରୁ ପ୍ରଥମ କିସ୍ତି ରିକଭରି ପାଇଁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ । ସେ ଅଭିଯୋଗ କରିଛନ୍ତି, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସ୍ୱାଇଁ ଗାଡ଼ିରେ ଆମକୁ ବସାଇ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ନେଇଥିଲେ । ଆମଠାରୁ ଦସ୍ତଖତ ନେଇଥିଲେ । ଆମେ ମୂର୍ଖ ଲୋକ ଥିବାରୁ କିଛି ଜାଣିପାରି ନ ଥିଲୁ



କୁନି ନାଏକ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

। ସେ ବ୍ୟାଙ୍କରୁ ଆବାସ ଟଙ୍କା ଉଠାଇ ନେଇଥିଲେ । ଆଖିରୁ ଲୁହ ଝରାଇ କୁନି କୁହନ୍ତି, ଆମର ପିଲାଛୁଆ ମିଶି ଚାରି ଜଣ । ସ୍ୱାମୀ ଦିନମଜୁରିଆ ଭାବେ ଯାହା ରୋଜଗାର କରନ୍ତି ସେମାନେ ଦୁଃଖକଷ୍ଟରେ ଚଳିଯାଆନ୍ତି । ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଝଟିମାଟି ଚାଳଛପର ଘର ଉପରେ ଜରିପାଲ ପକାଉ ରହୁଛନ୍ତି । ତାଙ୍କ ସ୍ୱାମୀଙ୍କୁ ଘର ବିଷୟରେ ପଚାରିବାରୁ ଗାଳିଗୁଲଜ କରୁଛନ୍ତି । ଏ ନେଇ କୁନି ନାଏକ ୫-ଟି ସଚିବ, ପଞ୍ଚାୟତ ରାଜ ବିଭାଗ, ଭାପୁର ବ୍ଲକ ଉପାଧକ୍ଷ ଓ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଶୁକ୍ରବାର ସେ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି । ଏନେଇ ବିଜୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଏହି ଅଭିଯୋଗକୁ ସେ ଖଣ୍ଡନ କରିଥିଲେ । କହିଥିଲେ ୨୦୧୪-୧୫ବେଳକୁ ମୁଁ ରାଜନୀତିକୁ ଆସି ନ ଥିଲି । କୁନି ନାଏକଙ୍କ ଟଙ୍କା କିମ୍ବା ଆବାସ ଯୋଜନା ବିଷୟରେ ମୁଁ କିଛି ଜାଣିନାହିଁ । ଏହା ମୋ ବିରୋଧରେ ଏକ ରାଜନୈତିକ ଷଡ଼ଯନ୍ତ୍ର ।

## ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକଙ୍କ ନୟାଗଡ଼ ଗସ୍ତ

ନୟାଗଡ଼, ୧୩।୭(ଲୋକନାଥ ମିଶ୍ର): ବୁଧବାର ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ହେମନ୍ତ କୁମାର ନାୟକ ନୟାଗଡ଼ ଗସ୍ତରେ ଆସି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଜିଲା ପାଠାଗାର ତଦାରଖ ଏବଂ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ବିଭିନ୍ନ ନଥିପତ୍ର, ରେକର୍ଡ ତନଖି କରି ସମସ୍ତ ବିଷୟ ପଚାରି ବୁଝିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଠାଗାର ପରିଦର୍ଶନ ସମୟରେ ପୁରୁଣା ଖବରକାଗଜଗୁଡିକୁ ନିଲାମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ହିଞ୍ଜିଳିକାଟୁ, ୧୩।୭ (ଦ୍ୱିତୀକୃଷ୍ଣ ପଣ୍ଡା): ଆକ୍ରମଣ ଅଭିଯୋଗରେ ଗୁରୁବାର ହିଞ୍ଜିଳି ପୋଲିସ ବାଦିଆମ୍ବଗାଁର ଡାକ ଜେନାଙ୍କୁ କୋର୍ଟ ଚାଲାଣ କରିଛି । କୌଣସି କାରଣକୁ ନେଇ ବୁଧବାର ବାଦିଆମ୍ବଗାଁର କୃଷ୍ଣ ସାହୁ ଓ ଡାକ ଜେନାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ରାଗିଯାଇ ଡାକ ଏକ ବାଉଁଶରେ କୃଷ୍ଣଙ୍କ ପୁଅ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନା ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଛନ୍ତି । କୃଷ୍ଣଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୪୯୪/୨୩ରେ ମାମଲା ରୁଜୁ କରି ଡାକଙ୍କୁ ଗିରଫ କରିଥିଲା ।

## ସଚେତନତା କରାଇଲେ, ଚାରା ରୋପଣ କଲେ




ବନ ମହୋତ୍ସବ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

ନୟାଗଡ଼, ୧୩।୭(ଲୋକନାଥ ମିଶ୍ର):

ନୟାଗଡ଼ର ମା'ଫାଉଣ୍ଡେଶନ ଆନୁକୂଲ୍ୟରେ ଗୁରୁବାର ପାଳିତ ହୋଇଯାଇଛି ବନ ମହୋତ୍ସବ-୨୦୨୩ । ସମ୍ପାଦକ ରଞ୍ଜନ ରଶ୍ମି ଜେନାଙ୍କ ପୌରୋହିତ୍ୟରେ ଭେଙ୍କଟେଶ୍ୱର ଇଂଲିଶ ମାଧ୍ୟମ ବିଦ୍ୟାଳୟ ଓ ସ୍କଲାର୍ସ ଫ୍ରିଡମ ଏକାଡେମୀର ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରୁ ବାହାରି ତ୍ରିନାଥ ଛକ ଦେଇ ୧୪ ନଂ.ୱାର୍ଡସ୍ଥିତ ଭବାନୀ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ । ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ନିରୁପମା ଖଟେଇ ଓ ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ଦାମୋଦର ସାହୁ, ମା ଫାଉଣ୍ଡେଶନ ର ସଭାପତି ବସନ୍ତ କୁମାର ମିଶ୍ର, ୱାର୍ଡ ନଂ-୧୨ କାଉନସିଲର ଅଳକା ମଞ୍ଜରୀ ନାୟକ, ଓାର୍ଡ ନଂ-୧୧ର କାଉନସିଲର ଅକ୍ଷୟ କୁମାର ଶାଳ, ପୂର୍ବତନ ସୋଲପଟା ସରପଞ୍ଚ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭ ଉଦ୍‌ଘାଟନ କରିବା ସହିତ ଚାରାରୋପଣ କରିଥିଲେ । ଅନୁଷ୍ଠାନର ଉପ ସଭାପତି ଗୋପୀନାଥ ସେଠୀ ଓ ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ର, ସ୍କଲାର୍ସ ଫ୍ରିଡମ ଏକାଡେମୀର ନିର୍ଦ୍ଦେଶକ ସୁଧିର କୁମାର ମହାପାତ୍ର, ଅଧକ୍ଷ ଆଲୋକ କୁମାର କର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ଓ ଗଛର ଉପକାରିତା ବିଷୟରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା ।

## ବିଭିନ୍ନ ଅନୁଷ୍ଠାନରେ ଚାରା ରୋପଣ

ଦାରିଙ୍ଗବାଡ଼ି, ୧୩।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ସମିତି ସଭ୍ୟ ବୀରେନ୍ଦ୍ର ପ୍ରଧାନ, ଜିଆର୍‌ଏସ୍ ବିଜୟ କୁମାର ସାହୁ, ସାମାଜିକ କର୍ମୀ ମନୋଜ ନାୟକ ଯୋଗଦେଇଥିଲେ । ଦାରିଙ୍ଗବାଡ଼ି ବନାଞ୍ଚଳ ସିମନବାଡ଼ି ସେକ୍ସନର ବନପାଳ ରବିମୋହନ ନାୟକ, ବନରକ୍ଷୀ ସ୍ୱପ୍ନାରାଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

## ପ୍ରଶାସନର ଦ୍ୱାରସ୍ଥ ହେଲେ ସୁଭଦ୍ରା ବିହାରବାସୀ

ପାରଳାଖେମୁଣ୍ଡି, ୧୩।୬(ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ସୁଭଦ୍ରା ବିହାରରେ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ପ୍ରକାରେ, ଉକ୍ତ ସୁଭଦ୍ରା ବିହାର ସ୍ଥାପିତ ପରଠାରୁ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି । ରାସ୍ତାଠାରୁ ଆରମ୍ଭ କରି ନାଳ ସମସ୍ୟା, ଜଳ ନିଷ୍କାସନ ନ ହେବା, ସହରର ମଇଳା ତଥା ଆବର୍ଜନାଗୁଡିକ ବର୍ଷାରେ ବୋହି ଆସି ଜମାଟ ହେବା, କଦର୍ଯ୍ୟ ପରିବେଶ ଯୋଗୁଁ ଘରଗୁଡିକରେ ସରୀସୃପ ପଶିଯିବା, ମଶାର ପ୍ରାଦୁର୍ଭାବ ବଢିବା ଭଳି ବିଭିନ୍ନ ସମସ୍ୟାଗୁଡ଼ିକୁ ନେଇ ସ୍ଥାନୀୟ ଗୃହିଣୀମାନେ ଅଭିଯୋଗ କରିଥିଲେ । ଉଲ୍ଲେଖିତ ସମସ୍ୟା ଗୁଡିକୁ ବାରମ୍ବାର ବିଭିନ୍ନ ସ୍ତରରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଦୃଷ୍ଟି ପଦକ୍ଷେପ ନିଆଯାଇ ନଥିବା ଜଣାଇଛନ୍ତି । ଆଗାମୀ ଦିନରେ ଏହି ସମସ୍ୟାଗୁଡିକର ସମାଧାନ ନ ହୁଏ ତେବେ ଆନ୍ଦୋଳାତ୍ମକ ପନ୍ଥା ନେବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହ ଉକ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ ।

## ପଠାଣି ସାମନ୍ତ ମହାବିଦ୍ୟାଳୟରେ ବନ ମହୋତ୍ସବ




ଖଣ୍ଡପଡା, ୧୩।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ୭୪ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୁପେ ମହାବିଦ୍ୟାଳୟର ଅଧକ୍ଷ ବିରଞ୍ଚି ନାରାୟଣ ଶତପଥୀ, ସାମାଜିକ କର୍ମୀ ତଥା ଖଣ୍ଡପଡ଼ା ଫାଉଣ୍ଡେଶନ ଅଧକ୍ଷ ଅଭିଳାଷ ପଣ୍ଡା ପ୍ରମୁଖ ଯୋଗଦେଇ ବୃକ୍ଷ ବଞ୍ଚାଅ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ପଣ୍ଡା ସିଡ୍ ବଲର ବ୍ୟବହାର କରି କିପରି ଅଧିକ ଚାରା ରୋପଣ କରାଯାଇ ପାରିବ ପରାମର୍ଶ ଦେବା ସହ ଏକ ସବୁଜ ସୁନ୍ଦର ଖଣ୍ଡପଡ଼ା ଗଠନ ପାଇଁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶତପଥୀ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଖଣ୍ଡପଡ଼ା ସ୍ୱାଭିମାନ ଫାଉଣ୍ଡେଶନ ଓ ମହାବିଦ୍ୟାଳୟ ଏନଏସ୍‌ଏସ୍‌ର ମିଳିତ ସହଯୋଗରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ବନପାଳ ବନମାଳୀ ରାଉତଙ୍କ ସମେତ ଅଧାପିକା, ଅଧାପକମାନେ ଯୋଗ ଦେଇଥିଲେ । ଏ ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବାହାଡ଼ା ଛକ ପରିକ୍ରମା କରିଥିଲା । ଶେଷରେ ସମସ୍ତେ ମିଳିତ ହୋଇ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ ।

## ଗୁହାରି ଶୁଣୁନି ପ୍ରଶାସନ, ଦୁର୍ଦ୍ଦଶାରେ ୬ ପ୍ରାଣୀ

### ପ୍ରଧାନମନ୍ତ୍ରୀ ଆବାସ ପାଲଟିଛି ସାତସପନ

ବୁଗୁଡ଼ା, ୧୩।୭(କାଳି ଚରଣ ଦାଶ)

ଦେଶରେ କେହି ବାସହୀନ ରହିବେ ନାହିଁ ଏବଂ ଭଙ୍ଗା ଦଦରା କୁଡ଼ିଆରେ ଯେପରିକେହି ଦୁର୍ବିଷହ ଜୀବନ ନ ବିତାଇବେ ସେଥିପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରହିଛି । ଏହି ସରକାରୀ ଯୋଜନା ବାଟ ହୁଡ଼ି ଅବାଟରେ ଯାଉଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକର ବରଡ଼ିପଲ୍ଲୀ ଗ୍ରାମରେ । ସେହି ଗ୍ରାମର ଦିନ ମଜୁରିଆ ରାଜେନ୍ଦ୍ର ପାତ୍ର ସ୍ତ୍ରୀ ଓ ୪ ପିଲାଙ୍କୁ ନେଇ ପିପୁଲ୍ସ କଲେଜ ନିକଟସ୍ଥ ଏକ ଭଙ୍ଗା ଦଦରା ଚାଳ ଛପର କୁଡ଼ିଆରେ ଦୁର୍ବିଷହ ଜୀବନ ବିତାଉଛନ୍ତି । ରାଶନ କାର୍ଡରେ ୪ ପିଲାଙ୍କ ନାମ ଚଢ଼ି ନ ଥିବାରୁ କେବଳ ସ୍ୱାମୀ ଓ ସ୍ତ୍ରୀଙ୍କୁ ୫ କେଜି ହିସାବରେ ମାସିକ ୧୦ କେଜି ଚାଉଳ ମିଳୁଛି । ୬ ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଆହାର ଜୁଟାଇବାକୁ ରାଜୁଙ୍କୁ ଦିନ ମଜୁରିଆ ଭାବେ ଖଟିବାକୁ ପଡୁଥିବା ବେଳେ ଛପର ଉଡ଼ା ଏବଂ କାଠବଲା ଠେସରେ ଥିବା ଝଟିମାଟି କାନ୍ଥକୁ ସଜାଡ଼ିବାକୁ ସେ ସକ୍ଷମ ହୋଇପାରୁନାହାନ୍ତି । ତାଙ୍କର ଅବସ୍ଥା ଅସ୍ୱଚ୍ଛଳ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ



ଭଙ୍ଗା ଦଦରା ଚାଳଛପର କୁଡ଼ିଆରେ ରାଜେନ୍ଦ୍ର ପାତ୍ର ଓ ପରିବାର ।

ଘର ଖଣ୍ଡିଏ ପାଇବା ପାଇଁ ସ୍ତ୍ରୀ ସୁକାନ୍ତି ଜେନା ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ । ଆବେଦନକ୍ରମେ ପ୍ରଶାସନିକ ସର୍ଭେ ପରେ ଯୋଗ୍ୟ ହିତାଧିକାରୀ ତାଲିକାରେ ସୁକାନ୍ତିଙ୍କ ନାମ ରହିଥିଲେ ସୁଦ୍ଧା ଘର ମିଳିପାରୁନାହିଁ । ଗତ କାଳବୈଶାଖୀ ତାଣ୍ଡବ ପରଠାରୁ ବିପଜ୍ଜନକ ଅବସ୍ଥାରେ ରହିଥିବା ଭଙ୍ଗା ଦଦରା କୁଡ଼ିଆରେ ତାଙ୍କର ପରିବାର ମୁଣ୍ଡ ଗୁଞ୍ଜୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ଅନ୍ୟ ବାରଣ୍ଡାରେ ଆଶ୍ରୟ ନେବାକୁ ପଡୁଛି । ଗତ ମାସରେ ପରିବାର ଲୋକେ ଶୋଇଥିବା ବେଳେ ଷଷ୍ଠଶ୍ରେଣୀରେ ପଢୁଥିବା ଝିଅ ପୂର୍ଣ୍ଣିମା ସାପକାମୁଡ଼ାର ଶିକାର ହେବା ପରଠାରୁ ସମସ୍ତେ ସେହି ଭଙ୍ଗା କୁଡ଼ିଆରେ ଅସୁରକ୍ଷିତ ଭାବେ ଜୀବନ ବିତାଉଛନ୍ତି । ଜନ ପ୍ରତିନିଧିମାନେ ସୁକାନ୍ତିଙ୍କ କୁଡିଆକୁ ଯାଇ ତାଙ୍କ ପରିବାରର ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ସରକାର ଆବାସ ଖଣ୍ଡେ ଯୋଗାଇଦେବା ଉଚିତ ବୋଲି କହୁଥିଲେ ହେଁ କୌଣସି ପ୍ରକାର ସାହାଯ୍ୟ କରିପାରୁନାହାନ୍ତି । ପ୍ରଶାସନିକ ପକ୍ଷପାତିତା ଯୋଗୁ ଆବାସ ଯୋଜନା ବାଟବଣା ହୋଇ ଧନିକଙ୍କ ପାଖରେ ଆବାସ ପହଞ୍ଚୁଥିବା ବେଳେ ଗରିବକୁ ନିରାଶ ହେବାକୁ ପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ନେଇ ବିଡିଓ ବାସୁଦେବ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି ।

# ଘରୋଇ ଚିକିତ୍ସାକୁ ପ୍ରୋତ୍ସାହନ

- ହଇରାଣ ହେଉଛନ୍ତି ଗରିବ ରୋଗୀ
- ସୁପର ସ୍ପେଶିଆଲିଟି ଡାକ୍ତରଖାନା ପ୍ରତିଶ୍ରୁତି ଧୂଆଁବାଣ
- ଯାଜପୁର ରୋଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଯାଜପୁର,୧୩।୭ (ହର୍ଷବର୍ଦ୍ଧନ ବେହେରା):**

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ତଥା ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ସହର ଯାଜପୁରରୋଡକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି । ଏହି ସହରର ଜନସଂଖ୍ୟା ବେସରକାରୀ ଭାବେ ପ୍ରାୟ ଦେଢଲକ୍ଷ ପାଖାପାଖି ହେଲାଣି । ହେଲେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି)ରେ ସ୍ୱାସ୍ଥ୍ୟସେବା ସୀମିତ ରହିଛି। ଅର୍ଥୋପେଡିକ ବିଭାଗ, ବିଶେଷଜ୍ଞ ଡାକ୍ତର, ଲାବୋରୋଟୋରୀ ଟେକ୍ନିସିଆନ, ଫାର୍ମାସିଷ୍ଟ ସହ ଆବଶ୍ୟକ ଯନ୍ତ୍ରପାତି ଓ ଭିତ୍ତିଭୂମିର ଅଭାବ ସହ ଏଠାରେ ରାଜ୍ୟ ସରକାରଙ୍କ ଉଦାସୀନତା ସହରବାସୀଙ୍କୁ ଅତିଷ୍ଠ କରିଛି । ଏପରି କି ଯାଜପୁରରୋଡ ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ରାଜନୈତିକ ଅବହେଳାର ଶିକାର ହେଉଥିବା ଚର୍ଚ୍ଚା ହେଉଛି। ଏହି କାରଣରୁ ପୂର୍ବ ପ୍ରତିଶ୍ରୁତି ଉପଖଣ୍ଡସ୍ତରୀୟ ଡାକ୍ତରଖାନା, ସୁପର ସ୍ପେଶିଆଲିଟି ହସ୍ପିଟାଲ, ୧୦୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ଆଦି ଧୂଆଁବାଣ ହୋଇଛି ବୋଲି ମତପ୍ରକାଶ ପାଉଛି।

ଅନ୍ୟପକ୍ଷେ ଏହାର ସୁଯୋଗରେ କଟକ, ଭୁବନେଶ୍ୱର, ଯାଜପୁର ଓ ଯାଜପୁରରୋଡ ସିଏଚ୍‌ସିରେ କାର୍ଯ୍ୟରତ କେତେଜଣ ସରକାରୀ ଡାକ୍ତରଙ୍କ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି ବ୍ୟାସନଗର ସହର । ସହରରେ ଥିବା ୩୦ରୁ ଊର୍ଦ୍ଧ୍ୱ ମେଡିସିନ ଷ୍ଟୋର ସମେତ ନିଜ ଘରେ ଡାକ୍ତରମାନେ ସ୍ୱାସ୍ଥ୍ୟସେବାକୁ ବ୍ୟବସାୟୀକରଣ କରିଛନ୍ତି। ଅବସରପ୍ରାପ୍ତ ଡାକ୍ତରମାନଙ୍କ ପାଇଁ ଏହା ସ୍ୱାଗତଯୋଗ୍ୟ ହୋଇଥିବାବେଳେ ଏଥିଯୋଗୁ ସରକାରୀ ଚାକିରୀରେ ଥିବା ଡାକ୍ତରମାନେ ଅଧିକାଂଶ ସମୟରେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ସାଧାରଣ ରୋଗୀ ହଇରାଣ ହେଉଥିବା ନଜିର ରହିଛି । ବିଶେଷକରି ଯାଜପୁର ରୋଡ ସିଏଚ୍‌ସିରେ କାର୍ଯ୍ୟରତ ପ୍ରସୂତି ଓ ସ୍ତ୍ରୀ ରୋଗ ଏବଂ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରୋଗୀମାନଙ୍କୁ କ୍ଲିନିକ ଓ ଘରକୁ ଯିବାକୁ ପ୍ରବର୍ତ୍ତାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଆର୍ଥିକ ସ୍ୱଚ୍ଛଳବର୍ଗର ଲୋକମାନେ ୩୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଫି ଦେଇ ସ୍ୱାସ୍ଥ୍ୟସେବା ପାଉଥିବାବେଳେ ଗରିବ ନୀରିହ ଲୋକ ଏଥିରେ ହଇରାଣ ହେଉଥିବା ମତପ୍ରକାଶ ପାଉଛି।

କଳିଙ୍ଗନଗର ଅଞ୍ଚଳ ସମେତ ବ୍ୟାସନଗର ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କ ରୋଗଦୁଃଖ ଚିର ସହଚର ହୋଇଛି। କିଡ୍‌ନୀ, ଯକ୍ଷ୍ମା, ଜ୍ୱର, ଝାଡାବାନ୍ତି, ହଇଜା, ଦୁର୍ଘଟଣା ଜନିତ ଆହତ ଓ ଅନ୍ୟାନ୍ୟ ପେଟ ରୋଗ ଏ ଅଞ୍ଚଳ ପାଇଁ ସାଧାରଣ କଥା । କିନ୍ତୁ ଯାଜପୁର ରୋଡରେ ୩୦ଶଯ୍ୟା ବିଶିଷ୍ଟ ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରହିଛି ।




ଲୋକସଂଖ୍ୟା ତୁଳନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଏଠାରେ ନିୟମିତ ମେଡିସିନ, ଅର୍ଥୋପେଡିକ, ସର୍ଜରୀ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଦନ୍ତ ବିଶେଷଜ୍ଞ ଅଛନ୍ତି କିନ୍ତୁ ଆବଶ୍ୟକ ସରଞ୍ଜାମ ନ ଥିବାରୁ ତାହା ନ ଥିଲା ଭଳି ହୋଇଛି। ତେବେ ପ୍ରସୂତି ଏବଂ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଥିଲେ ହେଁ ସେମାନେ ଘରୋଇ ଚିକିତ୍ସାକୁ ଅଧିକ ପ୍ରୋତ୍ସାହିତ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯାହା ପାଖରେ ଟଙ୍କା ଅଛି ସେମାନେ ସହରରେ ଥିବା ମେଡିସିନ ଦୋକାନ କିମ୍ବା କ୍ଲିନିକ୍‌ରେ ଚିକିତ୍ସିତ ହେଉଛନ୍ତି । ଯାହା ପାଖରେ ଅର୍ଥ ନାହିଁ ନିଜ ଭାଗ୍ୟକୁ ଆଦରି ସରକାରୀ ଡାକ୍ତରଖାନାରେ ପଡି ରୁହନ୍ତି। ଏହିକ୍ରମରେ ବ୍ୟାସନଗର ସହରର ବ୍ୟାଙ୍କଷ୍ଟ୍ରିଟ, କଲେଜ ରୋଡ, ଦଲା ରାସ୍ତାର ବିଭିନ୍ନ ମେଡିସିନ ଦୋକାନ ଓ କ୍ଲିନିକରେ ଭୁବନେଶ୍ୱର ଆମ୍ରି ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଚର୍ମରୋଗ ବିଶେଷଜ୍ଞ, ଭୁବନେଶ୍ୱରର ସ୍ନାୟୁରୋଗ ବିଶେଷଜ୍ଞ, ଭୁବନେଶ୍ୱର ବୈଦ୍ୟନାଥ ମେମୋରିଆଲ ହସ୍ପିଟାଲର ନାସା, କର୍ଣ୍ଣ ଓ ଗଳା ରୋଗ ବିଶେଷଜ୍ଞ, କଟକ ସନ୍ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ, ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ମଧୁମେହ ରୋଗ ବିଶେଷଜ୍ଞ, ଭୁବନେଶ୍ୱର ଆଇଏମ୍‌ସ ଓ ସମ୍ ହସ୍ପିଟାଲର ସ୍ତ୍ରୀ, ପ୍ରସୂତି ଓ ବନ୍ଧ୍ୟାତ୍ୱ ବିଶେଷଜ୍ଞ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଥାଇରଏଡ ଓ ମଧୁମେହ ରୋଗ ବିଶେଷଜ୍ଞ, ସଙ୍କୁଳ ସିଏଚସିର ଶିଶୁ ରୋଗ ବିଶେଷଜ୍ଞ, ଭୁବନେଶ୍ୱର ସମ୍ ହସ୍ପିଟାଲର ମାନସିକ ରୋଗ, ଟାଟା ମେଡିକା ହସ୍ପିଟାଲର ପେଟରୋଗ ଓ ଛାତି ରୋଗ ପ୍ରମୁଖ ବିଶେଷଜ୍ଞମାନେ ବିଭିନ୍ନ ସମୟରେ ଡେରା ପକାଇ ଚିକିତ୍ସା ପରାମର୍ଶ ଦେଉଛନ୍ତି। ସରକାରୀସ୍ତରରେ ଚାକିରୀ କରି ପୁଣି ବେସରକାରୀ ଭାବେ ରୋଗୀସେବା କରୁଥିବାରୁ ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ନାହିଁ ନ ଥିବାର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ ସିଏଚ୍‌ସିର ଅଧୀକ୍ଷଣ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି, ନିୟୋଜିତ ଡାକ୍ତରମାନେ ତାଙ୍କ କର୍ତ୍ତବ୍ୟରେ କୌଣସି ଅବହେଳା କରୁନାହାନ୍ତି। ଏଥିରେ ଯଦି କୌଣସି ବ୍ୟତିକ୍ରମ ଘଟେ ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିକାଶ


@ ମନୋରଞ୍ଜନ


@ ସଂଗୀତ


@ ସନ୍ତୋଷ


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା: ଓଡ଼ିଶାରୁ ୨୮୦ଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ନେଉଥିବା ମତ୍ସ୍ୟଜୀବୀ ଲାଇଫ୍ ଜ୍ୟାକେଟ ପିନ୍ଧିଛନ୍ତି।

- ତାଲିମ ନେଲେଣି ୩ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ
- ସମୁଦ୍ରର ଗଭୀର ଜଳରୁ ଟୁନା ମାଛ ଧରିବା ପାଇଁ ପ୍ରୋତ୍ସାହନ

**ପାରାଦୀପ,୧୩।୭(ଶରତ ରାଉତ)**

ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଏପର୍ଯ୍ୟନ୍ତ ୩ ହଜାରରୁ ଅଧିକ ମତ୍ସ୍ୟଜୀବୀ ତାଲିମ ନେଇ ସାରିଲେଣି। ଏଥିରେ ଓଡ଼ିଶାର ପାରାଦୀପ କ୍ଷାର ଜଳ ପ୍ରଶିକ୍ଷଣ କେନ୍ଦ୍ରରେ ଚଳିତବର୍ଷ ୨୮୦ ଜଣ ପ୍ରଶିକ୍ଷଣ ନେଇଛନ୍ତି ବୋଲି ସିଫନେଟ (ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିସରିଜ ନଟିକାଲ ଆଣ୍ଡ ଇଞ୍ଜିନିୟରିଂ)ର ଡେପୁଟି ଡାଇରେକ୍ଟର ହୃଷୀକେଶ ବିଶୋଇ ସୂଚନା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପ୍ରାଣୀପାଳନ ଏବଂ ଡାଏରୀ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି (ଚିଠି ନଂ.୫/୨୦୨୩)ସାର୍ବଜନୀନ କରାଯାଇଛି। ଏଥିରେ ଦର୍ଶାଯାଇଛି, ୨୦୧୭ରେ ଏହି ଯୋଜନା ତାମିଲନାଡୁରେ ଆରମ୍ଭ ହୋଇଥିଲା। ସେତେବେଳେ ମାତ୍ର ୯୭ ଜଣ ମତ୍ସ୍ୟଜୀବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ତାଲିମ ନେଇଥିବା ମତ୍ସ୍ୟଜୀବୀମାନେ ଅପେକ୍ଷାକୃତ ଭାବେ ସମୁଦ୍ରରେ ଭଲ ମାଛ ଉତ୍ପାଦନ ବୃଦ୍ଧି କରିଥିଲେ। ପରେ ଆଣ୍ଡାମାନ ନିକୋବର ଦୀପରେ ୩୮୫, ପୁଡୁଚେରୀରେ ୩୯୬, କେରଳରେ ୧୧୭୪, ଓଡିଶା ୨୮୦, ବିଶାଖାପାଟଣା ୧୯୧, ଗୁଜରାଟ ୩୫, ତାମିଲନାଡୁ ୨୧୨୭, ଆନ୍ଧ୍ରରେ ୯୯୫ ଜଣ ତାଲିମ ନେଇ ସାରିଲେଣି। ଏହି ତାଲିମରେ ବୋଟ ଉପରେ କିପରି ମାଛକୁ ସ୍ୱଚ୍ଛତା ମଧ୍ୟରେ ସଂରକ୍ଷଣ କରାଯିବ, ବୋଟ ଇଞ୍ଜିନ ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ସହ ନିଜର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ତାଲିମ ଦିଆଯାଉଛି। ବିଶେଷକରି ଗଭୀର ଜଳରେ ରହୁଥିବା ଟୁନା ମାଛକୁ କିପରି ସୂତୀ ଦ୍ୱାରା ଧରାଯିବ ସେ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି। ଓଡ଼ିଶାରେ ଏହି ସୁବିଧା ନାହିଁ। ସେଥିପାଇଁ ମତ୍ସ୍ୟଜୀବୀଙ୍କୁ ବିଶାଖାପାଟଣା ନେଇ ସେଠାରେ ଏକ ସ୍ୱତନ୍ତ୍ର ବୋଟ ଯୋଗେ ସମୁଦ୍ରକୁ ନିଆଯାଏ। ଏପରି ତାଲିମ ଦ୍ୱାରା ମତ୍ସ୍ୟଜୀବୀମାନେ ନିଜର ଦାୟିତ୍ୱ ସମ୍ପର୍କରେ ବେଶ ସଚେତନ ହେଉଛନ୍ତି ବୋଲି ବିଶୋଇ କହିଛନ୍ତି।

# ରାଶନ ଚାଉଳ ହଡ଼ପ: ଡିଲରଙ୍କୁ ଘେରିଲେ ହିତାଧିକାରୀ

- ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବାକୁ ଦେଲେ ଚେତାବନୀ
- ୭ମାସର ରାଶନ ସାମଗ୍ରୀ ମିଳିନି

**କେନ୍ଦ୍ରାପଡ଼ା,୧୩।୭(ଜଗନ୍ନାଥ ଧଳ):**

କେନ୍ଦ୍ର ଓ ରାଜ୍ୟ ସରକାର କେହି ଭୋକିଲା ରହିବେ ନାହିଁ ବୋଲି ରାଶନ ଯୋଗାଣର ବ୍ୟବସ୍ଥା କରିଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରାଶନ ସମଗ୍ରୀ ବାଟମାରଣା ହେଉଛି। ହିତାଧିକାରୀଙ୍କ ପାଖରେ ରାଶନ ସାମଗ୍ରୀ ପହଞ୍ଚୁନାହିଁ। ଏଭଳି ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ତରାସ ପଞ୍ଚାୟତରେ। ଏଠାରେ ହିତାଧିକାରୀ ୭ ମାସର ରାଶନ ଚାଉଳ ପାଇନାହାନ୍ତି। ସେମାନଙ୍କ ଚାଉଳକୁ ଡିଲର ହଡ଼ପ କରି ନେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଉତ୍ୟକ୍ତ ହିତାଧିକାରୀ ଗୁରୁବାର ସମ୍ପୃକ୍ତ ଡିଲରଙ୍କୁ ଘେରିବା ସହ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ରାଶନ ଚାଉଳକୁ ଜାଲିଆତି କରାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ହିତାଧିକାରୀମାନେ ନିଜ ନିଜର ରାଶନ କାର୍ଡ ଧରି ଏକତ୍ରିତ ହୋଇ ଗାଁ ମୁଣ୍ଡରେ ସମ୍ପୃକ୍ତ ଡିଲରଙ୍କୁ ଘେରାଉ କରି କୈଫିୟତ ମାଗିଥିଲେ। ୭ ମାସର ଚାଉଳ ଦିଅ ନଚେତ ଲୋକାୟୁକ୍ତଙ୍କୁ ଯିବୁ ବୋଲି ହିତାଧିକାରୀ ଶୁଭ୍ରଜିତ ବିଶ୍ୱାଳ, ସୁମନ୍ତ ବିଶ୍ୱାଳ, ଶରତ କୁମାର ବାରିକ ପ୍ରମୁଖ ଚେତାବନୀ ଦେଇଥିଲେ। ଏ ସଂକ୍ରାନ୍ତିରେ ସମ୍ପୃକ୍ତ ଡିଲରଙ୍କୁ ପଚାରିବାରୁ ସେ ଯେତିକି ଚାଉଳ ଉଠାଇଥିଲେ ତାହା କେତେଜଣ ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି। ଅବଶିଷ୍ଟ ଯେଉଁ ହିତାଧିକାରୀ ବାକି ଅଛନ୍ତି ସେମାନଙ୍କୁ ଧୀରେ ଧୀରେ ଚାଉଳ ଦିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜକନିକା ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦେବୀପ୍ରସାଦ ଦାସଙ୍କୁ ପଚାରିବାରେ ହିତାଧିକାରୀ ୭ ମାସର ଚାଉଳ ପାଇଁ ନ ଥିବା ଅଭିଯୋଗ ମିଳିଛି। ଏହାର ତଦନ୍ତ କରାଯିବ। ଯଦି ଅଭିଯୋଗର ସତ୍ୟାସତ୍ୟ ଥିବ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ହିତାଧିକାରୀମାନେ ଡିଲରଙ୍କୁ ଘେରାଉ କରି ରାଶନ ସାମଗ୍ରୀ ଦେବାକୁ କହୁଛନ୍ତି।

# ୧୦ ଲକ୍ଷ ଟଙ୍କା, ୨୫ ଭରି ସୁନା ଲୁଟ୍

## ଦାନଗଦିରେ ଡକାୟତି

**କଳିଙ୍ଗନଗର,୧୩।୭ (ଶୁଭାଶିଷ ରାଉତ):**

୪ ଦିନ ତଳେ ଯାଜପୁର ଜିଲା ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ ଏକ ଡକାୟତି ଉଦ୍ୟମକୁ ପଣ୍ଡ କରିବା ସହ ୬ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। କିନ୍ତୁ ବୁଧବାର ରାତିରେ ପୁଣି ଦାନଗଦି ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ହୋଇଛି। ଦାନଗଦି ଅଞ୍ଚଳର ସତସଙ୍ଗ କେନ୍ଦ୍ର ନିକଟରେ ଥିବା ବିଦ୍ୟୁର ପାଣିଗ୍ରାହୀ(୬୦)ଙ୍କ ଘରୁ ଡକାୟତ ୨୫ ଭରି ସୁନା ଅଳଙ୍କାର ସହ ନଗଦ ୧୦ ଲକ୍ଷ ୫୫ ହଜାର ଟଙ୍କା ନେଇ ପଳାଇଛନ୍ତି। ଡକାୟତମାନେ ତାଙ୍କ ଘରର ଝରକା ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ପରିବାରର ତିନିଜଣ ଶୋଇଥିବା ଏକ ବଖରାରେ ବାହାରୁ ତାଲା ପକାଇ ଦେଇଥିଲେ। ପରେ ଆଲମିରା ଭାଙ୍ଗି ଝିଅ ବାହାଘର ପାଇଁ ଥିବା ସୁନା ଅଳଙ୍କାର ସହ ନଗଦ ଟଙ୍କା ନେଇ ପଳାଇଥିଲେ। ଏହି ଅଳଙ୍କାର ଭିତରେ ରାଣୀହାର, ମଙ୍ଗଳସୂତ୍ର ୬ଟା, ସୁନାଚେନ ୪ଟା, ମୁଦି୫ଟା, କାନଫୁଲ ୬ ଯୋଡ଼ା ଚୋରି ହୋଇଥିବା ଦାନଗଦି ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରି ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରି ଫେରିଛି। ହେଲେ ଡକାୟତଙ୍କ ସମ୍ପର୍କରେ କୌଣସି ସୂଚନା ପାଇନାହିଁ। ଖୁବ୍‌ଶୀଘ୍ର ଡକାୟତଙ୍କୁ ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ନଂ.୩୦୮/୨୩ରେ ଏକ ମାମଲା ରୁଜୁ ହୋଇଛି।



# ବଢ଼ୁଛି ଭେଜାଲ, ରଙ୍ଗମିଶା ଖାଦ୍ୟ ବିକ୍ରି

- ପାଣି, ପାଉଁରୁଟିରେ ରହୁନି ଶେଷ ସମୟ ଅବଧି
- ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମାଣରେ ବଢ଼ୁଛି ରୋଗ
- ପ୍ରଶାସନିକ ଅଧିକାରୀ ସବୁ ଜାଣି ମଧ୍ୟ ନୀରବ

**କେନ୍ଦ୍ରାପଡ଼ା, ୧୩।୭(ଜଗନ୍ନାଥ ଧଳ)**

ଗ୍ରାହକଙ୍କୁ ଆକୃଷ୍ଟ କରିବା ପରି ଖାଦ୍ୟ ସାମଗ୍ରୀ ଷ୍ଟଲ୍ ବା ଦୋକାନରେ ସଜା ହେଉଛି। ରଙ୍ଗବେରଙ୍ଗ ମିଠା ସହ ଅନ୍ୟାନ୍ୟ ଖାଦ୍ୟ ଗ୍ରାହକଙ୍କ ମନ ମୋହୁଛି। ତେବେ ଏହି ରଙ୍ଗିନ ଖାଦ୍ୟ କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ରୋଗର କାରଣ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମିତ ଗୁପ୍‌ଚୁପଠାରୁ ଆରମ୍ଭକରି ହୋଟେଲ, ଜଳଖିଆ ଦୋକାନ ସାମଗ୍ରୀ ପାଇଁ ଜିଲାର ବହୁ ବୁଦ୍ଧିଜୀବୀ ଚିନ୍ତାରେ ପଡ଼ିଛନ୍ତି। ପାଉଁରୁଟି, ପାଣି ବୋତଲ ଓ ପାଉଚ, ଆଇସ୍‌କ୍ରିମ ଆଦି ସ୍ଥାନୀୟ ଅଞ୍ଚଳରୁ ଉତ୍ପାଦନ କରାଯାଇ ପ୍ୟାକେଟରେ ବିକ୍ରି ହେଉଥିଲେ ମଧ୍ୟ ଏଥିରେ ନିର୍ମାଣ ତାରିଖ, ବ୍ୟବହାର ସମୟ ଶେଷ ଅବଧି ଆଦି ଲେଖା ରହୁନାହିଁ। ପ୍ରଶାସନ ଏ ନେଇ ସବୁ ଜାଣୁଥିଲେ ମଧ୍ୟ ନୀରବ ରହୁଛି। ଏକ ବଡ଼ ଧରଣର ବିପଦ ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରିଥିବା ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଖଡିଅଙ୍ଗର ସେକ୍ ଅମଜାନ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଗ୍ରାମାଞ୍ଚଳ ସହ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରାୟ ୫ ହଜାରରୁ ଅଧିକ ଛୋଟ ବଡ଼ ଜଳଖିଆ ଦୋକାନ ରହିଛି। ସେହିପରି ଜିଲାରେ ୨୦୦ରୁ ଅଧିକ ମଧ୍ୟମ ଧରଣର ହୋଟେଲ ରହିଛି। ଏଠାରେ ମିଳୁଥିବା ଖାଦ୍ୟ ଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ନାହିଁ। ପ୍ରତି ଦୋକାନରେ ରଙ୍ଗମିଶା ଖାଦ୍ୟ ସହ କେତେକ ସ୍ଥାନରେ ଗ୍ରାହକଙ୍କୁ ବାସି ଖାଦ୍ୟ ପରଷାଯାଉଛି। ସେହିପରି ଚାଟ୍, ଜିଲାପି, ପକୁଡ଼ି, ପକୋଡ଼ା ପ୍ରଭୃତି ଫାଷ୍ଟ ଫୁଡ୍ ଆଦିରେ ବହୁଳ ରାସାୟନିକ ରଙ୍ଗ ମିଶାଯାଉଛି। ଗୁପ୍‌ଚୁପ୍‌ର ଖଟାପାଣି ପାଚିଳୁ ସ୍ୱାଦ ଦେବା ଲାଗି ତେନ୍ତୁଳି ବଦଳରେ ଭିନେଗାର ପ୍ରୟୋଗ ହେଉଛି। ଏହି ରାସାୟନିକ ପଦାର୍ଥ ଏବେ ରୋଗର କାରଣ ହୋଇଛି। ସାମାଜିକ କର୍ମୀ ମନୋଜ କୁମାର ନାୟକ କହିଛନ୍ତି, ଜୀବନ ଧାରଣ ପାଇଁ ଖାଦ୍ୟ ଜରୁରୀ। ତେବେ ବ୍ୟବସାୟୀମାନେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ଖାଦ୍ୟରେ ରଙ୍ଗ ମିଶାଇବା, ପୋଡ଼ା ତେଲରେ ଛାଣିବା, ବାସିଖାଦ୍ୟ ଦେବା ଆଦି ବ୍ୟବସାୟୀଙ୍କ ସ୍ୱଭାବ ହୋଇଗଲାଣି। କମ୍ ପଇସା ଖର୍ଚ୍ଚକରି ବେଶି ଲାଭ ସମସ୍ତଙ୍କ ଲକ୍ଷ୍ୟ ହେଲାଣି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ସାମଗ୍ରୀ ତିଆରି ରୋଗ ସୃଷ୍ଟିର ଅନ୍ୟତମ କାରଣ ହୋଇଛି। ଆଇସ୍‌କ୍ରିମ ଓ ପାଉଁରୁଟି ନିର୍ମାଣ ସ୍ଥଳ ଆଦୌ ପରିଷ୍କାର ହେଉନାହିଁ। ସେହିପରି ଏଠାରେ ବ୍ୟବହୃତ ସାମଗ୍ରୀ ଉପରେ କୌଣସି ତନଖି ନ ଥିବାରୁ ନିର୍ମାତା ମନଇଚ୍ଛା ଗ୍ରାହକଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ କରୁଛନ୍ତି। ଏପରି କି ଏଠାରେ ପ୍ରସ୍ତୁତ ପାଣି ବୋତଲ ଓ ପାଉଚ, ଆଇସ୍‌କ୍ରିମ ଆଦିର ବ୍ୟବହାର ସମ୍ବନ୍ଧୀୟ ତଥ୍ୟ ଆଦୌ ଉଲ୍ଲେଖ ରହୁନାହିଁ। ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି, ଖାଦ୍ୟରେ ରଙ୍ଗର ବ୍ୟବହାର, ବାସିଖାଦ୍ୟ ଯୋଗୁ ଗଳା ଓ ଜିଭ କୁଣ୍ଡାଇହେବା ସହ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେବା, ଲୋ ବ୍ଲଡ୍ ପ୍ରେସର, ବାନ୍ତି, ଡାଇରିଆ, ଦେହ ଫଳିଯିବାଠାରୁ ଆରମ୍ଭ କରି କାର୍ସିନୋଜେନିକ ବା କର୍କଟ ରୋଗ ସୃଷ୍ଟି ହେଉଛି। ଫଳ ପାଚିବା ପାଇଁ ରାସାୟନିକ ଦ୍ରବ୍ୟ ବହୁଳ ବ୍ୟବହାର ହେଉଥିବା ବେଳେ ପରିବା କଞ୍ଚା ଦେଖାଯିବା ପାଇଁ ବ୍ୟବସାୟୀମାନେ ରଙ୍ଗର ବ୍ୟବହାର କରୁଛନ୍ତି। ରଙ୍ଗ ରହୁଥିବା ଯେଉଁ ଡବାରେ ସବୁଜ ବିନ୍ଦୁ ରହିଛି, ତାହା ଖାଦ୍ୟ ଉପଯୋଗୀ। ଯେଉଁ ଡବାରେ ଲାଲ ବିନ୍ଦୁ ରହୁଛି, ତାହା ଖାଦ୍ୟ ଅନୁପଯୋଗୀ ବୋଲି ସାଧାରଣ ଲୋକେ ଜାଣିପାରିବେ। ଜିଲାରେ ଖାଦ୍ୟ ନମୁନା ପରୀକ୍ଷା ପାଇଁ ଗବେଷଣାଗାର ଆବଶ୍ୟକ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଖାଦ୍ୟ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରତିମାସ ବିଭିନ୍ନ ସ୍ଥାନରେ ଗ୍ରାହକଙ୍କୁ ଦିଆଯାଉଥିବା ଖାଦ୍ୟ ସମ୍ପର୍କରେ ତନଖି ହେଉଛି। କେତେକ ସ୍ଥାନରେ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଉଛି। କର୍ମଚାରୀ ଅଭାବରୁ ଜିଲାର ସମସ୍ତ ସ୍ଥାନରେ ଚଢ଼ାଉ ସମ୍ଭବ ହେଉ ନୁହେଁ ବୋଲି ସେ କହିଛନ୍ତି।



# ୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ଜେଲ ଗଲେ ୫ ପଶ୍ଚିମବଙ୍ଗ ବ୍ୟବସାୟୀ

ନୟାଗଡ଼,୧୩।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ଅବକାରୀ ଥାନା ଏକ ସ୍କର୍ପିଓ ସହ ୭୨ ଗ୍ରାମ ବ୍ରାଉନ ସୁଗାର, ୨୦ ହଜାର ୧୦ ଟଙ୍କା, ୮ଟି ମୋବାଇଲ ଜବତ କରିଛି । ଏହି ଘଟଣାରେ ପଶ୍ଚିମବଙ୍ଗର ୫ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ପନସକୁରା ଥାନା କନକପୁର ଗାଁର ଇକବଲ ଖାନ, ଉଲୁବାରିଆ ଥାନା କୁଲଗାଛିଆ ଗାଁର ଉତ୍ତମ ରୁଇଦାସ ଓ ଏସ.କେ. ଶାହ ଆଲମ, ଜଗଚା ଥାନା ମୌଖଲି ଗାଁର ଏସ.କେ.ଅବଦୁଲ ରହିମ, ତାମଲୁକ ଥାନା ଶ୍ରୀକୃଷ୍ଣପୁର ଗାଁର ପ୍ରସନ୍ନଜିତ୍ ଦାସଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏ ନେଇ ନୟାଗଡ଼ ସଦର ଅବକାରୀ ଥାନା ପରିସରରେ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ଏକ ଖବରଦାତା ସମ୍ମିଳନୀ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।







ଗିରଫ ୫ ଅଭିଯୁକ୍ତ, ଜବତ ବ୍ରାଉନସୁଗାର, ମୋବାଇଲ, ଟଙ୍କା ଓ ସ୍କର୍ପିଓ।

ବୁଧବାର ଅପରାହ୍ନରେ କେତେଜଣ ବ୍ୟକ୍ତି ବ୍ରାଉନସୁଗାର ନେଇ ଯାଉଥିବା ଜଣାପଡିଥିଲା । ସଦର ଅବକାରୀ ଥାନା ପକ୍ଷରୁ ପାଟ୍ରୋଲିଂ ବେଳେ ସ୍କର୍ପିଓ(ନଂ.ଡବ୍ଲ୍ୟୁବି ୩୦ଏଇ ୪୪୩୭) ସହ ୭୨ ଗ୍ରାମ ବ୍ରାଉନ ସୁଗାର, ୨୦ ହଜାର ୧୦ ଟଙ୍କା, ୮ଟି ମୋବାଇଲ ସୁନାଖଳାଠାରୁ ଜବତ ହୋଇଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଅଭିଯୁକ୍ତମାନେ ବ୍ରାଉନସୁଗାର ଆଣି ନୟାଗଡ଼ରେ ବିକୁଥିଲେ । ପୁଣି ସେଠାରୁ ଗଞ୍ଜେଇ ନେଇ ଯିବାର ଯୋଜନା ଥିଲା। ତେବେ ଧରାପଡିଯିବା ପରେ ସବୁ ଯୋଜନା ବିଫଳ ହୋଇଛି । ଜବତ ବ୍ରାଉନସୁଗାର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ କହିଛନ୍ତି। ୫ରୁ ୭ଲକ୍ଷ ଟଙ୍କା, ବନ୍ଧୁକ ଜବତ ହେବା ସତ୍ୟ ନୁହେଁ । ପୁଣି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଫସା ଯାଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ସେ କହିଛନ୍ତି । ଯାହା ଜବତ ହୋଇଛି, ପ୍ରକୃତ ଘଟଣା କଣ ତାହା ଉପସ୍ଥାପନ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ କହିଛନ୍ତି ।

ଅନ୍ୟପକ୍ଷେ ଗିରଫ ଉଲୁବାରିଆ ଥାନା କୁଲଗାଛିଆ ଗାଁର ଉତ୍ତମ ରୁଇଦାସ କୁହନ୍ତି, ମୁଁ ଗଞ୍ଜେଇ ବ୍ୟବସାୟୀ । ଗଞ୍ଜେଇ ଦେଖିବାକୁ ଟିଟିଲାଗଡ଼ ଯାଇଥିଲୁ । ଭଲ ସାମ୍ପୁଲ ଆଣିଥିଲୁ । ଆମେ ପଶ୍ଚିମବଙ୍ଗ ଫେରୁଥିଲୁ । ମୋ ସାଙ୍ଗରେ ଗାଡ଼ିର ମାଲିକ, ରଙ୍ଗ ବ୍ୟବସାୟୀ ଓ କେତେଜଣ ସାଙ୍ଗ ସାଥି ଥିଲେ । ହେଲେ ଆମକୁ ଗିରଫ କରି ବ୍ରାଉନସୁଗାର ବ୍ୟବସାୟ କରୁଛୁ କହି କୋର୍ଟ ଚାଲାଣ କରିବେ ବୋଲି କୁହାଯାଇଛି । ଆମେ ନିର୍ଦ୍ଦୋଷ । ଆମକୁ ଫସାଇ ଦିଆଯାଇଛି ବୋଲି ସେ ବଙ୍ଗଳା ଓ ହିନ୍ଦି ଭାଷାରେ କହି କାନ୍ଦି ପକାଇଥିଲେ ।

# ପଶ୍ଚିମବଙ୍ଗ, ଜଳେଶ୍ୱରରୁ ଆସୁଛି ବ୍ରାଉନସୁଗାର

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

- ନୟାଗଡ଼ରେ ବ୍ରାଉନସୁଗାର ନେଟୱର୍କ ବଢୁଛି
- ଇଟାମାଟି, ଫତେଗଡ଼, ରଣପୁର ପାଲଟିଛି ହବ୍
- ନିଶା ବ୍ୟବସାୟୀଙ୍କ ଷ୍ଟ୍ରାଟେଜି କାମ ଦେଉଛି

ବ୍ରାଉନସୁଗାର ବ୍ୟବସାୟୀଙ୍କ ଟାର୍ଗେଟରେ ଥିବା ନୟାଗଡ଼ ଧୀରେ ଧୀରେ ସେମାନଙ୍କ ଦଖଲକୁ ଚାଲିଗଲାଣି । ଜିଲାର ଇଟାମାଟି, ଫତେଗଡ଼, ପଥରଚକଡ଼ା, ରଣପୁର ବ୍ରାଉନସୁଗାର ବ୍ୟବସାୟୀଙ୍କ ହବ୍ ପାଲଟିଛି। ଖୋର୍ଦ୍ଧା ପରେ ନୟାଗଡ଼ ଜିଲା ବ୍ରାଉନସୁଗାରରେ ଭଲ ରୋଜଗାର ଦେଉଥିବାରୁ ଧୀରେ ଧୀରେ ପଶ୍ଚିମବଙ୍ଗ, ଜଳେଶ୍ୱରର ବ୍ୟବସାୟୀମାନେ ନୟାଗଡ଼ ମୁହାଁ ହୋଇଛନ୍ତି । ଏହି ସୁଯୋଗରେ ସେମାନେ ନୟାଗଡ଼ ଜିଲାର ବିଭିନ୍ନ ବଜାରକୁ ଦଖଲକୁ ନେଇଛନ୍ତି । ଜିଲାରେ ବ୍ରାଉନସୁଗାର ବ୍ୟବସାୟ ବଢୁଥିବାରୁ ପୋଲିସ ଓ ଅବକାରୀ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ତେବେ ଉଭୟ ବିଭାଗ ପ୍ରାୟ ୧ ବର୍ଷ ହେଲା ନୀରବତା ଅବଲମ୍ବନ କରିବା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସୁହାଇଛି । ଉଭୟ ବିଭାଗ ନୀରବତାର କାରଣ ଯାହାହେଉନା କାହିଁକି ନୟାଗଡ଼ ଜିଲାରେ କଲେଜ ଓ ସ୍କୁଲ ଛାତ୍ର, ଶ୍ରମିକ, ବ୍ୟବସାୟୀ, ବେକାର ଯୁବକ ନିଶା ସେବନ କରି ପରିବାରରେ ଅଶାନ୍ତ ସୃଷ୍ଟି କରି ଚାଲିଛନ୍ତି । ଗାଁ ଗାଁରେ ଗଣ୍ଡଗୋଳ ମାରପିଟ୍ ବଢ଼ିଛି । ପୁଣି ନୟାଗଡ଼ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡି ଅଞ୍ଚଳରେ ଚୋରି, ଲୁଟ୍, ବାଇକ୍ ଓ ମୋବାଇଲ ଚୋରି ବଢ଼ି ଚାଲିଛି । ବ୍ରାଉନସୁଗାର କାରବାର ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଲୋକଦେଖାଣିଆ ଚଢ଼ାଉ କରାଯାଇ ବାହାବା ନିଆଯାଉଛି । ହେଲେ ଅବକାରୀ ଓ ପୋଲିସ ପ୍ରକୃତ ବ୍ରାଉନସୁଗାର ବ୍ୟବସାୟର ମୁଖ୍ୟ କାର୍ପେଟଦାର ପାଖରେ ପହଞ୍ଚିପାରୁନି । ଇତିମଧ୍ୟରେ ନୟାଗଡ଼ ଏସ୍‌ପି ନୂଆ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏକାଧିକ ଥାନାରେ ନୂଆ ଆଇଆଇସି ନୂତନ ଭାବେ ନିଯୁକ୍ତି ପାଇଛନ୍ତି। ଆଉ କେତେକ ଥାନାରେ ଆଇଆଇସି ଯୋଗଦେବାର ଅଛି । ବ୍ରାଉନସୁଗାର କ୍ଷେତ୍ରରେ ପୋଲିସର ଭୂମିକା କ'ଣ ରହିବ ସ୍ପଷ୍ଟ ହୋଇ ନ ଥିବାବେଳେ ନୂଆ ଏସ୍‌ପି ନିଶା ବ୍ୟବସାୟରେ ରୋକ୍ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଉଛି । ଏନେଇ ଜଣେ ବ୍ରାଉନସୁଗାର ବ୍ୟବସାୟୀ ନିଜର ନାମ ଗୋପନ ରଖି କହିଛନ୍ତି, ଖୋର୍ଦ୍ଧାରୁ ବ୍ରାଉନସୁଗାର ଆସୁଛି । ଭଲ ଲାଭ ପାଇଁ ଜଳେଶ୍ୱର ଓ କୋଲକାତାରୁ ବ୍ରାଉନସୁଗାର ଆସିଲାଣି। ତେବେ ନୟାଗଡ଼ ଜିଲାର ବଜାରଗୁଡିକରେ ଖୋର୍ଦ୍ଧା ଜିଲା ବ୍ୟବସାୟୀଙ୍କ ଭଲ ନାଁ ରହିଛି। ବିଶେଷତଃ ସୀମାନ୍ତରେ ସେମାନଙ୍କ ଚାହିଦା ଅଧିକ ରହୁଛି । ଗୋଟିଏ ଜିଲାରେ ବ୍ୟବସାୟ କରି ଅନ୍ୟ ଜିଲାକୁ ଖସି ଯିବାରେ ସକ୍ଷମ ହେଉଛନ୍ତି । ପୁଣି ଖୋର୍ଦ୍ଧା ଜିଲା ନୟାଗଡ଼ର ପଡୋଶୀ ଜିଲା ହୋଇଥିବାରୁ ସେଠାକାର ବ୍ୟବସାୟୀମାନେ ନୂଆ ତରିକାରେ ବ୍ରାଉନସୁଗାର ଦେଇ ଚାଲି ଯାଉଛନ୍ତି । ଆଉ କେତେଜଣ ବ୍ୟବସାୟୀ ନିଜେ କ୍ଷେତ୍ରକୁ ଆସି ବ୍ୟବସାୟ କରୁଛନ୍ତି। ପଶ୍ଚିମବଙ୍ଗ ଓ ଜଳେଶ୍ୱର ବ୍ୟବସାୟୀ ବଜାରକୁ ଦଖଲକୁ ନେବାକୁ ଉଦ୍ୟମ କରି କେତେକାଂଶରେ ସଫଳ ହୋଇଛନ୍ତି ।

### ଅଦଳବଦଳ ବ୍ୟବସାୟ

ବ୍ରାଉନସୁଗାର ଓ ଗଞ୍ଜେଇ ଅଦଳବଦଳ କରି ବ୍ୟବସାୟ ହେଉଥିବାର ନଜରକୁ ଆସିଛି। ଫୁଲବାଣୀ, ଜଳେଶ୍ୱର ଓ କୋଲକାତାର କେତେଜଣ ବଡ଼ ବ୍ୟବସାୟୀ ବ୍ରାଉନସୁଗାର ଓ ଗଞ୍ଜେଇକୁ ନୟାଗଡ଼, ଖୋର୍ଦ୍ଧା ଜିଲାକୁ ପଠାଉଛନ୍ତି । ନୟାଗଡ଼ ଓ ଖୋର୍ଦ୍ଧାକୁ ଆସୁଥିବା ଗଞ୍ଜେଇ ଓ ବ୍ରାଉନସୁଗାର କେତେବେଳେ, କେଉଁଥିରେ ଆସିବ ଓ କିଏ ଆଣିବ ତାହା ଗୁପ୍ତ ରଖାଯାଉଛି । ପ୍ରତିଥର ରୁଟ୍, କର୍ମଚାରୀ ଅଦଳବଦଳ ଚାଲିଛି । ବ୍ରାଉନସୁଗାର ଓ ଗଞ୍ଜେଇ ଅଦଳବଦଳ କରି ବିକ୍ରି ହେଉଛି । ଏଭଳି ଘଟଣା ପଶ୍ଚିମବଙ୍ଗର ୫ଜଣ ବ୍ରାଉନସୁଗାର ବ୍ୟବସାୟୀ ଗିରଫ ପରେ ପଦାକୁ ଆସିଛି । ବ୍ୟବସାୟୀଙ୍କ ସୂଚନା ପରେ ଏହାର ଗୁମର ଖୋଲିଛି । ଏନେଇ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ କୁହନ୍ତି, ୭୦ ଗ୍ରାମ ବ୍ରାଉନସୁଗାର ପଶ୍ଚିମବଙ୍ଗର କେତେଜଣ ଯୁବକଙ୍କଠାରୁ ଜବତ ହେବା ପରେ ସେମାନେ ବ୍ରାଉନସୁଗାର ଓ ଗଞ୍ଜେଇ ଅଦଳବଦଳ କରି ବ୍ୟବସାୟ କରୁଥିବା ଜଣାପଡିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିକାଶ



@ ମନୋରଞ୍ଜନ



@ ସଂଗୀତ



@ ସନ୍ତୋଷ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମେଟାଲ ବୋଝେଇ ଟ୍ରାକ୍ଟର ଜବତ

## ୪୦ ହଜାର ଟଙ୍କା ଜରିମାନା ଆଦାୟ

ଭାପୁର,୧୩।୭ (ଭରତ କୁମାର ହେରା)

ଭାପୁର ତହସିଲ ପକ୍ଷରୁ ଚଢ଼ାଉ କରି ମେଟାଲ ବୋଝେଇ ଟ୍ରାକ୍ଟର ଜବତ କରିଯିବା ସହ ଗାଡ଼ି ମାଲିକଙ୍କ ଠାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭାପୁର ତହସିଲ ଅଧୀନ ପଥରଚକଡା ଗ୍ରାମ ନିକଟରେ ଥିବା ପାହାଡ଼ରୁ ଚୋରାରେ ମେଣ୍ଟାଲ ବୋଝେଇ ହେଉଥିବା ସମୟରେ ଭାପୁର ତହସିଲଦାର ଲଗ୍ନଜିତ ବେହେରା ଓ ମାରଡା ଆରଆଇ ବିଷ୍ଣୁ ପ୍ରିୟା ବେହେରା ମିଳିତ ଭାବେ ଚଢାଉ କରିଥିଲେ। ଚଢାଉ ସମୟରେ ଟ୍ରାକ୍ଟର(ନଂ. ଓଡି ୨୫ଡି ୧୭୩୯) ଜବତ କରି ତହସିଲକୁ ଆଣାଯାଇଥିଲା । ଟ୍ରାକ୍ଟର ମାଲିକଙ୍କଠାରୁ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

# ଏଲଆଇ ପଏଣ୍ଟ ମରାମତିବେଳେ ଚାଷୀ ମୃତ

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

ଅଚଳ ଏଲଆଇ ପଏଣ୍ଟକୁ ମରାମତି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ବଡ଼ଗୋରଡା ଗ୍ରାମର ପ୍ରଫୁଲ ରାଉତ(୩୮) । ସୂଚନା ମୁତାବକ ଗୁରୁବାର ସକାଳେ ପ୍ରଫୁଲ ବିଲିଗୋରଡାଠାରେ ନିଜ ଜମିରେ ଥିବା ଏଲ୍‌ଆଇ ପଏଣ୍ଟରେ ପାଣି ଉଠାଉଥିଲେ। ହେଲେ ତାହା ଅଚଳ ଥିବା ଜାଣି ମରାମତି କରୁଥିବା ସମୟରେ ଭୁଲ ବଶତଃ ମୋଟର ପ୍ୟାନେଲ ବୋର୍ଡରେ ଥିବା କରେଣ୍ଟରେ ହାତ ଲାଗିଯାଇଥିଲା। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ଅଚେତ ଅବସ୍ଥାରେ ଥିବା ପ୍ରଫୁଲଙ୍କୁ ଉଦ୍ଧାର କରି ପ୍ରଥମେ ଶରଣକୁଳ ଏବଂ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ପରିବାର ଲୋକେ ଶରଣକୁଳ ଥାନାରେ ଜଣାଇବା ପରେ ପୋଲିସ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ଶରଣକୁଳ ଥାନା ପକ୍ଷରୁ ସୂଚନା ମିଳିଛି।

# ୫–ଟି ସଚିବଙ୍କ ଗସ୍ତ ପାଇଁ ହେଲିପ୍ୟାଡ୍ ନିର୍ମାଣ



ନିର୍ମାଣ କରାଯାଉଥିବା ହେଲିପ୍ୟାଡ୍।

ଖଣ୍ଡପଡ଼ା,୧୩।୭(ଅଜୟ କୁମାର ମହାରଣା)

ଆସନ୍ତା ୨୦ ତାରିଖରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ନୟାଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ଜିଲା ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ୍ ମଧୁବନ ମିନି ଷ୍ଟାଡିୟମ ଏବଂ କଣ୍ଟିଲୋ ନୀଳମାଧବ କ୍ଷେତ୍ର ପଲଟନ ପଡ଼ିଆ ମିନି ଷ୍ଟାଡିୟମ ପରିସରରେ ସିମେଣ୍ଟ କଂକ୍ରିଟ ହେଲିପ୍ୟାଡ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ପଡ଼ିଆକୁ ଖୋଳି ସିମେଣ୍ଟ କଂକ୍ରିଟ ହେଲିପ୍ୟାଡ ନିର୍ମାଣ କରାଯାଉଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଶେଷ କରି ଖଣ୍ଡପଡ଼ା ସହରର ବହୁ ବୁଦ୍ଧିଜୀବୀ ଓ କ୍ରୀଡାବିତ୍ ଏ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ହେଲିପ୍ୟାଡ ନିର୍ମାଣ କରାଯାଉଥିବା ସେ ସୂଚନା ଦେଇଛନ୍ତି ।

# ବିଦ୍ୟାଳୟ ପରିସର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ନୂଆଗାଁ,୧୩।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ପଞ୍ଚାୟତରେ ଥିବା ଗୋଲଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏହାର ସୁଯୋଗ ନେଇ କେତେଜଣ ଅସାମାଜିକ ବ୍ୟକ୍ତି ସ୍କୁଲ ପରିସରରେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଆଦି ସେବନ କରୁଛନ୍ତି। ହେଲେ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି।

ନୂଆଗାଁ ବ୍ଲକ ଖଣ୍ଡୁଗାଁ ପଞ୍ଚାୟତ ଗୋଲଗୋଲା ଗ୍ରାମର ପିଲାମାନଙ୍କ ପାଠ ପଢ଼ାକୁ ଦୃଷ୍ଟିରେ ରଖି ୧୯୬୨ରେ ଗୋଲଗୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ଦୀର୍ଘ ୬୦ ବର୍ଷ ପରେ ବି ସ୍କୁଲଟି ଅବହେଳିତ ହୋଇ ରହିଛି । ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଅଭିମୁଖୀ କରାଇବା ସହ ନୂତନ ଜ୍ଞାନ କୌଶଳରେ ପାଠ ପଢାଇବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଗୋଲଗୋଲା ସ୍କୁଲରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ସ୍କୁଲଟିରେ ପ୍ରଥମ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୩୧ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍ଥାନୀୟ ଶିଶୁମାନଙ୍କ ପାଇଁ ସ୍କୁଲ ପରିସରରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଅଧପନ୍ତରିଆ ଭାବେ ପଡି ରହିଛି । ଲଗାଯାଇଥିବା ସୂଚନା ଫଳକ ଅନୁସାରେ ୨୦୧୩–୧୪ରୁ ଅଙ୍ଗନୱାଡି ଗୃହର ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ । ସ୍କୁଲର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ ହୋଇ ନ ଥିବାରୁ ଅସାମାଜିକ ବ୍ୟକ୍ତିମାନେ ଅର୍ଦ୍ଧ ନିର୍ମିତ ଅଙ୍ଗନୱାଡି ଘରେ ବସି ମଦ ଗଞ୍ଜେଇ ଓ ବ୍ରାଉନସଗୁର ଆଦି ମାଦକ ଦ୍ରବ୍ୟ ସେବନ କରିବା ସହ ଅସାମାଜିକ କାର୍ଯ୍ୟ କରିବା ପାଇଁ ମେଳି ବାନ୍ଧୁଛନ୍ତି। ଏପରି କି ସ୍କୁଲ କବାଟ ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ପ୍ରତି ସ୍କୁଲକୁ ବିଦ୍ୟୁତ୍ ସଂଯୋଗ କରିବା ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଉକ୍ତ ସ୍କୁଲରେ ସେହି ବ୍ୟବସ୍ଥା ନାହିଁ। ଛାତ୍ରୀଛାତ୍ରମାନଙ୍କ ବ୍ୟବହାର ନିମନ୍ତେ ନଳକୂଅଟିଏ ଖୋଳା ଯାଇଥିଲେ ମଧ୍ୟ ସେହି ପାଣି ପିଇବା ସମ୍ଭବ ହେଉ ନାହିଁ । ଏପରି ସମସ୍ୟା ବାବଦରେ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ସ୍କୁଲର ସମସ୍ୟା ବିଷୟରେ ଅଧିକାରୀଙ୍କୁ ଜଣାଇବା ସହ ପାଚେରୀ ନିର୍ମାଣ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି କହିଛନ୍ତି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଡ.ବାସନ୍ତୀ ବେହେରା । ସ୍କୁଲର ସୁରକ୍ଷା ଓ ଛାତ୍ରୀଛାତ୍ରଙ୍କ ସମସ୍ତ ଅସୁବିଧାକୁ ଶୀଘ୍ର ପୂରଣ କରିବା ପାଇଁ ଦାବି କରିଛନ୍ତି ଅବସରପ୍ରାପ୍ତ ସେନା ଅଧିକାରୀ ଉମେଶ କୁମାର ଜୈନ । ସ୍କୁଲ ସମସ୍ୟା ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସ୍କୁଲ ସମସ୍ୟା ଦୂର କରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି।




ଗୋଲଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ସ୍କୁଲ ଘର।

